READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

ଇଂରାଜୀ ନବବର୍ଷ ଅବସରରେ 'ଏକମାତ୍ର'ର ଅଗଣିତ ପାଠକ ପାଠିକା, ଲେଖକ ଲେଖିକା, ବିଜ୍ଞାପନଦାତା, ସାମାଦିକ ଓ ଶୁଭେଚ୍ଛୁମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

ବର୍ଷ-୬ ସଂଖ୍ୟା-୫୧ ୨ - ୮ ଜାନୁଆରୀ, ୨୦୨୩ ଭୁବନେଶ୍ୱର Monday Weekly VOL-6 ISSUE-51 2nd - 8th JANUARY, 2023 BHUBANESWAR ₹ 5/- (8 Pages)

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୺ଆର୍ତ୍ତତ୍ରାଣ ଦାଶ

(ଲେଖକ, କୃଷି ବିଜ୍ଞାନୀ ଏବଂ ପ୍ରତିଷ୍ଠାତା-ଏକମାତ୍ର)

ଆବିର୍ଭାବ : ୦୫.୦୭.୧୯୩୫ / ତିରୋଧାନ : ୧୩.୦୧.୨୦୨୨

ଜନ୍ମସ୍ଥାନ : ପଲ୍ଲିକଣ୍ଟା, ଏରସମା, ଜଗତସିଂହପୁର

ବଡ଼ଗଡ଼,ଭୁବନେଶ୍ୱର

- ଏକମାତ୍ର ପରିବାର

କେମିତି କଟିବ ଏ ସପ୍ତାହ

ମେଷ
ଓଜନ ବଢ଼ିବା କାରଣରୁ ଚିନ୍ତିତ ରହିବେ। ଧନ ସମସ୍ୟାର ସମ୍ମୁଖୀନ ହେବେ। ପରିବାରରେ ସୁଖ ପାଇବେ। କାର୍ଯ୍ୟକ୍ଷେତ୍ରରେ ଦୂରଯାତ୍ରା ଯୋଗ ଅଛି। ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ହେବ। ପ୍ରତିକାର : ପ୍ରତିଦିନ ୨୪ଥର ଓଁ ଭାର୍ଗବାୟନମଃ ଜପ କରନ୍ତୁ।

ବୃଷ
ମଦ୍ୟ ଓ ତମାଖୁରୁ ଦୂରେଇ ରହନ୍ତୁ। ବଡ ଧରଣର ଅର୍ଥ ବିନିଯୋଗ କରନ୍ତୁ। କ୍ୟାରିୟରରେ ମନକୁ ପାଇବା ଭଳି ଫଳ ପାଇବେ। କିନ୍ତୁ ଛାତ୍ରମାନେ ଅସଫଳ ହେବେ। ଦମ୍ଭଉମାନେ ସୁଖରେ ରହିବେ। ପ୍ରତିକାର : ଓଁ ଶ୍ରୀ ଦୁର୍ଗାୟନମଃ ୧୧ଥର ଜପ କରନ୍ତୁ।

ମିଥୁନ
ସ୍ୱାସ୍ଥ୍ୟରେ ପରିବର୍ତ୍ତନ ହେବ। ଆୟରେ ବୃଦ୍ଧି ହେବ। କାହାକୁ ଅର୍ଥ ସାହାଯ୍ୟ କରନ୍ତୁ ନାହିଁ। ଶିକ୍ଷା ଓ କାର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ପ୍ରତିକାର : ଭଗବାନ ବିଷ୍ଣୁଙ୍କ ଧ୍ୟାନ କରନ୍ତୁ।

କର୍କଟ
ସ୍ୱାସ୍ଥ୍ୟ କାରଣରୁ ମନ ଅସ୍ଥିର ରହିବ। ଧନ ଥାଇ ମଧ୍ୟ ମନ କରିଥିବା ଦ୍ରବ୍ୟ ଖରିଦ କରିପାରିବେ ନାହିଁ। ବାଣୀରେ ଲଗାମ କରନ୍ତୁ। ବାପା ମା'ଙ୍କ ସହଯୋଗ ପାଇବେ। ପ୍ରତିକାର : ସୋମବାର ଦିନ ଦେବୀ ଦୁର୍ଗାଙ୍କୁ ତେଲ ଦୀପ ଦାନ କରନ୍ତୁ।

ସିଂହ
ସ୍ୱାସ୍ଥ୍ୟ ଉତ୍ତମ ରହିବ। ଆୟରେ ବୃଦ୍ଧି ହେବ। ପରିବାରରେ ସମୟ ଦେବେ। ଛାତ୍ରମାନେ ଚାହୁଁଥିବା ଅନୁଷ୍ଠାନରେ ନାମ ଲେଖାଇ ପାରିବେ। ପ୍ରତିକାର : ସୂର୍ଯ୍ୟଙ୍କ ଗାୟତ୍ରୀ ପାଠ କରି ଜଳ ପ୍ରଦାନ କରନ୍ତୁ।

କନ୍ୟା
ସକାଳୁ ଶଯ୍ୟା ତ୍ୟାଗ କରନ୍ତୁ ଓ ଫଳ ସେବନ କରନ୍ତୁ। ଧନପ୍ରାପ୍ତି ଯୋଗ ଅଛି। ଅନୁଭବି ଲୋକଙ୍କ ମତାମତ ନିଅନ୍ତୁ। କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ହେବେ। ପ୍ରତିକାର : ବୁଧବାର ଦିନ ଲକ୍ଷ୍ମୀନାରାୟଣଙ୍କ ପାଇଁ ହୋମ କରନ୍ତୁ।

ତୁଳା
ପୁରୁଣା କଷ୍ଟରୁ ମୁକ୍ତି ମିଳିବ। ଅଧିକ ଧନପ୍ରାପ୍ତି ପାଇଁ ପ୍ରାୟସ କରନ୍ତୁ ନାହିଁ। ମନ ଉଦାସ ରହିବ। କାର୍ଯ୍ୟକ୍ଷେତ୍ରରେ ନିଜକୁ ଉପସ୍ଥାପନ କରନ୍ତୁ। ଛାତ୍ରମାନଙ୍କୁ ସଫଳ ମିଳିପାରେ। ପ୍ରତିକାର : ଲକ୍ଷ୍ମୀ ନୃସିଂହଙ୍କୁ ଜପ କରନ୍ତୁ।

ବିଛା
ଶ୍ୱାସ ରୋଗରୁ ମୁକ୍ତି ମିଳିବ। ଅର୍ଥ ହାନୀ ଯୋଗ ଅଛି। ପରିବାରରେ ସମୟ କଟିବ। ନୂଆ ଚାକିରି ମିଳିପାରେ। ଦମ୍ଭଉମାନଙ୍କ ମତାନ୍ତର ହୋଇପାରେ। ପ୍ରତିକାର : ଓଁ କେତକେ ନମଃ ଜପ କରନ୍ତୁ।

ଧନୁ
ଜୀବନ ଶୈଳୀରେ ପରିବର୍ତ୍ତନ କରନ୍ତୁ। କାର୍ଯ୍ୟରେ ବୋଝ ନିଅନ୍ତୁନାହିଁ। ଉଧାର ଦିଅନ୍ତୁ ନାହିଁ। ଛାତ୍ରଙ୍କୁ ସୁଫଳ ମିଳିବ। ପରିବାରର ହସ୍ତକ୍ଷେପ ଫଳରେ ପ୍ରେମୀମାନଙ୍କ ମିଳନ ହେବ। ପ୍ରତିକାର : ଗୁରୁବାର ଦିନ ବୃଦ୍ଧ ଲୋକଙ୍କୁ ଦହିଭାତ ଦିଅନ୍ତୁ।

ମକର
ମନ ଅସ୍ଥିର ରହିବ। ଦୀର୍ଘମିଆଦି ବିନିଯୋଗ କରନ୍ତୁ। କାର୍ଯ୍ୟ କ୍ଷେତ୍ରରେ ସହଯୋଗୀଙ୍କ ସହଯୋଗ ପାଇବେ। ଛାତ୍ରମାନେ ବିଦେଶ ଯାତ୍ରା କରିପାରନ୍ତି। ପ୍ରତିକାର : ଓଁ ମନ୍ଦାୟ ନମଃ ୨୧ଥର ଜପ କରନ୍ତୁ।

କୁମ୍ଭ
ସହଜରେ ଅଧିକ ଆୟ ପାଇଁ ଭୁଲ ବାଟରେ ଯାଇପାରନ୍ତି। ଧନହାନୀ ଯୋଗ ଅଛି। ଗୁପ୍ତ କଳାରେ ମନଦେବେ। ପ୍ରତିଯୋଗୀ କାମରେ ସଫଳ ହେବେ। ପ୍ରେମୀଙ୍କ ସହ ଅନ୍ତରଙ୍ଗ ସମୟ କଟାଇବେ। ପ୍ରତିକାର : ପ୍ରତିଦିନ ଓ ନମଃନାରାୟଣନମ ଜପ କରନ୍ତୁ।

ମୀନ
ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବ। ଧନ ସଞ୍ଚୟ କରିପାରନ୍ତି। ହଠାତ୍ ଘରକୁ ଅତିଥି ଆସିପାରନ୍ତି। ପ୍ରତିଯୋଗୀ ପରୀକ୍ଷା ପାଇଁ ସତର୍କ ରହନ୍ତୁ। ଦମ୍ଭଉମାନଙ୍କ ସମ୍ପର୍କରେ ଦୃଢ଼ତା ବଢ଼ିବ। ପ୍ରତିକାର : ୨୫ଥର ଓଁ ଗଣେଶାୟ ନମଃ ଜପ କରନ୍ତୁ।

ଅନ୍ନପୂର୍ଣ୍ଣା ଖୁଣ୍ଟିଆ
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

ପୋଲାଭରମ ପ୍ରକଳ୍ପରେ ପରିବେଶ ମଞ୍ଜୁରୀ ଉଲ୍ଲଂଘନ ଅଭିଯୋଗ

କେନ୍ଦ୍ର ଏବଂ ତିନି ରାଜ୍ୟଙ୍କୁ ସୁପ୍ରିମ୍‌କୋର୍ଟଙ୍କ ନୋଟିସ

ନୂଆଦିଲ୍ଲୀ : ପୋଲାଭରମ ପ୍ରକଳ୍ପକୁ ଦିଆଯାଇଥିବା ପରିବେଶ ମଞ୍ଜୁରୀରେ କଥିତ ଉଲ୍ଲଂଘନ ଅଭିଯୋଗ ନେଇ ଦାଖଲ ଯାଚିକା ଉପରେ କେନ୍ଦ୍ର ଏବଂ ୩ ରାଜ୍ୟଙ୍କୁ ଜବାବ ମାଗିଛନ୍ତି ସୁପ୍ରିମ୍‌କୋର୍ଟ। ଜଷ୍ଟିସ ସଞ୍ଜୀବ ଖନ୍ନା ଏବଂ ନ୍ୟାୟମୂର୍ତ୍ତି ଏମ୍‌ଏମ୍ ସୁନ୍ଦରେଶଙ୍କ ଖଣ୍ଡପୀଠ କେନ୍ଦ୍ର ସରକାର, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ, ୨୦୨୩ ଫେବୃଆରୀ ସୁଦ୍ଧା ନୋଟିସକୁ ଫେରାଯାଇ ପାରିବ। ଏନ୍‌ଜିଟିର ଏକ ଆଦେଶକୁ ବିରୋଧ କରି ଅର୍ଥଶାସ୍ତ୍ରୀ ପେନ୍ତାପତି ପୁଲ୍ଲାରାଓଙ୍କ ଦ୍ୱାରା ଦାଖଲ କରାଯାଇଥିବା ଯାଚିକା ଉପରେ ସର୍ବୋଚ୍ଚ ଅଦାଲତ ଶୁଣାଣି କରିଥିଲେ। ନିଜ ଯାଚିକା ସହ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହେବା ପାଇଁ ଏନ୍‌ଜିଟି ପୁଲ୍ଲାରାଓଙ୍କୁ କହିଥିଲା। ଯାଚିକାରେ ଅଭିଯୋଗ କରାଯାଇଥିଲା ଯେ, ଜଙ୍ଗଲ ଏବଂ ପରିବେଶ ମନ୍ତ୍ରାଳୟ, ଜଳ ଶକ୍ତି ମନ୍ତ୍ରାଳୟ, ଆନ୍ଧ୍ରପ୍ରଦେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ପୋଲାଭରମ ପରିଯୋଜନା ପ୍ରାଧିକରଣର ମିଳିତ ରିପୋର୍ଟ ଉପରେ ବିଚାର ନକରି ଏନ୍‌ଜିଟି ମାମଲାକୁ ବନ୍ଦ କରିଥିଲା। ଆବେଦନକାରୀ କହିଥିଲେ ଯେ, ଉଲ୍ଲଂଘନ ସହ ଜଡିତ ଅଭିଯୋଗ ପରିବେଶର ଉଲ୍ଲଂଘନ ଏବଂ ପ୍ରକଳ୍ପ ଅଧିକାରୀଙ୍କ ଦ୍ୱାରା ପରିବେଶ ମଞ୍ଜୁରୀ ପାଇଁ ଥିବା ସର୍ତ୍ତ ଲାଗୁ ନକରିବା ସହ ଜଡିତ ଅଟେ। ପୁଲ୍ଲାରାଓ ଅଭିଯୋଗ ଯେ, ପ୍ରକଳ୍ପ ନିର୍ମାଣ ସ୍ଥାନରେ ନିୟମର ଉଲ୍ଲଂଘନ ହେଉଛି ଏବଂ ବିପୁଳ ପରିମାଣର ବଜ୍ୟବସ୍ତୁ ଗୁଡିକୁ ଚାଷ ଜମିରେ ପକାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଗୋଦାବରୀ ନଦୀରେ ପୋଲାଭରମ ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଡିସେମ୍ବର ୨୮ରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ୧୦,୪୮୫,୩୮ କୋଟି ଟଙ୍କାର ଅର୍ଥ ଆବଣ୍ଟନ ପାଇଁ ଦାବି କରିଥିଲେ।

ପ୍ରବାସୀ ଭୋଟରଙ୍କ ପାଇଁ ଖୁସି ଖବର

ବୁଥ୍‌କୁ ନଯାଇ ଦେଇପାରିବେ ଭୋଟ୍

ନୂଆଦିଲ୍ଲୀ : ପ୍ରବାସୀ ଭୋଟର ତଥା ଦାଦନ ଶ୍ରମିକଙ୍କ ପାଇଁ ଖୁସି ଖବର। ଭୋଟ୍ ଦେବାକୁ ହେଲେ ସେମାନଙ୍କୁ ଆଉ ଭୋଟ୍ କେନ୍ଦ୍ରକୁ ଯିବାକୁ ପଡ଼ିବନି। ଯେଉଁଠି ଥିବେ ସେଇଠି ରହି ଭୋଟ୍ ଦେଇ ପାରିବେ। ଦେଶର ଯେଉଁ ସ୍ଥାନରେ ଥିଲେ ବି, ସେଠାରେ ରହି ନିଜ ନିର୍ବାଚନ ମଣ୍ଡଳୀର ନିଜ ମନ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ୍ ଦେଇପାରିବେ। ଏଥିପାଇଁ ପରୀକ୍ଷାମୂଳକ ଭାବେ ରିମୋଟ ଭୋଟିଂ ବ୍ୟବସ୍ଥା ଲାଗି ପ୍ରସ୍ତୁତ ହେଉଛନ୍ତି ଭାରତୀୟ ନିର୍ବାଚନ କମିଶନ। ଏହାକୁ ରିମୋଟ୍ ଇଲେକଟ୍ରୋନିକ୍ ଭୋଟିଂ ମେସିନ ବା ଜଠଗ କୁହାଯାଉଛି। ଏନେଇ ଆଜି ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଛି। ଏହି ନୂଆ ପ୍ରକାର ଭୋଟିଂ ମେସିନ ଜରିଆରେ ଏକା ସାଙ୍ଗରେ ଏକାଧିକ ନିର୍ବାଚନମଣ୍ଡଳୀର ଭୋଟିଂ ହୋଇପାରିବ। ଗୋଟିଏ ରିମୋଟ୍ ପୋଲିଂ ବୁଥ୍ ଜରିଆରେ ଏହା ସମ୍ଭବ ହୋଇପାରିବ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି। ଏହା ଉପରେ ଆଲୋଚନା କରିବାକୁ ନିର୍ବାଚନ କମିଶନ ଆସନ୍ତା ଜାନୁଆରୀ ୧୬ ତାରିଖରେ ସବୁ ରାଜନୈତିକ ଦଳ ଗୁଡ଼ିକର ଏକ ବୈଠକ ଡାକିଛନ୍ତି। ନୂଆ ଆରଭିଏମ କେମିତି କାମ କରୁଛି, ତାହା ରାଜନୈତିକ ଦଳ ଗୁଡ଼ିକୁ ପ୍ରଦର୍ଶନ କରାଯିବ। ସେମାନଙ୍କର ମତାମତ ଗ୍ରହଣ କରାଯିବ। ଏହାପରେ ଏହି ନୂଆ ପ୍ରକାର ଆରଭିଏମକୁ ନିର୍ବାଚନରେ ବ୍ୟବହାର କରାଯିବ କି ନାହିଁ, ତାହା ନିଷ୍ପତ୍ତି ନିଆଯିବ ବୋଲି ବୋଲି ନିର୍ବାଚନ କମିଶନ କହିଛନ୍ତି। ୨୦୨୩ ଜାନୁଆରୀ ୧୬ ତାରିଖରେ ଆୟୋଗ ଆରଭିଏମର କାମ କରିବା ଶୈଳୀ ନେଇ ୮ଟି ରାଷ୍ଟ୍ରୀୟ ଦଳ ଏବଂ ୫୭ଟି ରାଜ୍ୟସ୍ତରୀୟ ଦଳଙ୍କୁ ଆମନ୍ତ୍ରଣ କରିଛନ୍ତି । ଏହି ସମୟରେ ଆୟୋଗଙ୍କର ଟେକନିକାଲ ଟିମ୍ ଏବଂ ବିଶେଷଜ୍ଞ ମଧ୍ୟ ସେଠାରେ ଉପସ୍ଥିତ ରହିବେ। ସମସ୍ତଙ୍କୁ ଏହା କେଉଁଭଳି ପରିଚାଳନା ସେହି ବାବଦରେ ଅବଗତ କରାଯିବ। ନିର୍ବାଚନ ଆୟୋଗ ଜାନୁଆରୀ ୩୧ ସୁଦ୍ଧା ଭୋଟିଂ ସିଷ୍ଟମକୁ ନେଇ ଦଳର ରାୟ ମାଗିଛନ୍ତି । ଯଦି ଏହି ଆରଭିଏମ ସିଷ୍ଟମକୁ ମଞ୍ଜୁରୀ ମିଳେ ତେବେ ପ୍ରବାସୀ ଲୋକମାନେ ଘରଠାରୁ ଦୂରରେ ରହି ମଧ୍ୟ ବିଭିନ୍ନ ସହର ତଥା ରାଜ୍ୟରେ ନିଜର ଭୋଟ ଦେଇପାରିବେ। ସେମାନଙ୍କୁ ଘରକୁ ଆସି ଭୋଟ ଦେବାକୁ ପଡିବ ନାହିଁ। ବାହାରେ ରହି ମଧ୍ୟ ସେମାନେ ନିଜର ନେତାଙ୍କୁ ନିର୍ବାଚିତ କରାଇପାରିବେ। ୨୦୧୯ ସାଧାରଣ ନିର୍ବାଚନ ବେଳେ କମ୍ ଭୋଟିଂ ପ୍ରତିଶତକୁ ନେଇ ଚିନ୍ତାପ୍ରକଟ କରଥିଲେ କମିଶନ। ନିର୍ବାଚନ କମିଶନରଙ୍କ ଅନୁଯାୟୀ, ସୂଚନା ଅନୁସାରେ ୨୦୧୯ ନିର୍ବାଚନରେ ଦେଶରେ ମାତ୍ର ୬୭.୪ ପ୍ରତିଶତ ଲୋକ ଭୋଟ ଦେଇଥିଲେ। ପାଖାପାଖି ୩୦ କୋଟି ଲୋକ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିପାରିନଥିଲେ। ଏହି ସମସ୍ୟାକୁ ଦୂର କରିବା ପାଉଁ ଆରଭିଏମକୁ ପ୍ରସ୍ତୁତ କରାଯାଇଛି।

୨୦୨୩ରେ ୯ ରାଜ୍ୟରେ ବିଧାନସଭା ନିର୍ବାଚନ

ନୂଆଦିଲ୍ଲୀ : ୨୦୨୩ରେ କେନ୍ଦ୍ର ଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ସହ ୯ଟି ରାଜ୍ୟରେ ବିଧାନସଭା ନିର୍ବାଚନ ହୋଇପାରେ। ୨୦୨୪ରେ ଦେଶରେ ସାଧାରଣ ନିର୍ବାଚନ ଥିବାରୁ ତାପୂର୍ବରୁ ଏହି ରଜ୍ୟ ଗୁଡ଼ିକର ନିର୍ବାଚନ ବେଶ ଗୁରୁତ୍ୱପୂର୍ଣ୍ଣ। ଏହି ୯ଟି ରାଜ୍ୟର ନିର୍ବାଚନ କେନ୍ଦ୍ରରେ କ୍ଷମତାସୀନ ବିଜେପି ସହ ବାକି ଦଳ ଗୁଡ଼ିକ ପାଇଁ ବେଶ ଚ୍ୟାଲେଞ୍ଜି ହୋଇପାରେ। ଯଦି ବିଜେପି ଅଧିକାଂଶ ରାଜ୍ୟରେ ପରାଜିତ ହୁଏ ତେବେ ବିରୋଧୀଙ୍କ ପାଇଁ ଏହା ଆତ୍ମବିଶ୍ୱାସର ବୃଦ୍ଧିର କାରଣ ହୋଇପାରେ। ଫଳରେ ଯଦି ବିରୋଧୀ ସଙ୍ଗଠିତ ହୋଇ ମଳିତ ପ୍ରୟାସରେ ୨୦୨୪ ପାଇଁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ମୋଦିଙ୍କ ବିରୋଧରେ ଏକ ଦୃଢ଼ ଚେହେରା ହୋଇପାରନ୍ତି। କାରଣ ଅଧିକାଂଶ ରାଜ୍ୟରେ ବିଜେପି ପରାସ୍ତ ହେଲେ ବିରୋଧୀଙ୍କ ମଧ୍ୟରେ ସମ୍ପର୍କ ଅଧିକ ମଜଭୁତ ହୋଇ ପାରେ। ସେମାନେ ପରସ୍ପରକୁ ହାତ ମିଳାଇ ବିଜେପିକୁ ଚେକ୍ ଦେବାକୁ ରଣନୀତି ପ୍ରସ୍ତୁତ କରିପାରନ୍ତି। ଯଦି ଏହି ସବୁ ରାଜ୍ୟରେ କଂଗ୍ରେସ ଭଲ ପ୍ରଦର୍ଶନ କରେ ଏହାର ଶ୍ରେୟ ରାହୁଲ ଗାନ୍ଧିଙ୍କ ପାଖକୁ ଯାଇ ପାରେ। କାରଣ ସ ଏବେ ଭାରତ ଯୋଡ଼ୋ ଯାତ୍ରାର ନେତୃତ୍ୱ ନେଉଛନ୍ତି। ଫଳରେ ସେ ପୁଣିଥରେ ୨୦୨୪ ପାଇଁ କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ ଚେହେରା ଭାବେ ଦାବିଦାର ହୋଇପାରନ୍ତି। ଅନ୍ୟପଟେ ବିଜେପି ଯଦି ଭଲ ପ୍ରଦର୍ଶନ କରେ ,ଏହାର ଶ୍ରେୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଖକୁ ଯିବ। ଆଉ ୨୦୨୪ ପାଇଁ ପୁଣି ଥରେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ତାଙ୍କ ସ୍ଥାନ ପକ୍କା ହୋଇପାରେ। ଆଉ ଗୋଟିଏ ବାର୍ତ୍ତା ମଧ୍ୟ ଯିବ। ତାହା ହେଉଛି ହିନ୍ଦୁତ୍ୱ ଚେହେରା ଭାବେ ମୋଦିଙ୍କ ବିକଳ୍ପ ଅଭାବ ରହିଛି। ତଥାପି ସବୁ ରାଜ୍ୟର ରାଜନୈତିକ ସମୀକରଣ ସମାନ ନୁହେଁ। ତେଣୁ ଫଳାଫଳ କାହା ସପକ୍ଷରେ ଯିବ ତାହା କହିବା ଅନିଶ୍ଚିତ୍।

ଚତୁର୍ଥ କୋଭିଡ୍ ଟିକା ଡୋଜ୍‌ର ଆବଶ୍ୟକତା ନେଇ ଅଧିକ ଅନୁଧ୍ୟାନ ଜରୁରୀ

ନୂଆଦିଲ୍ଲୀ : ଭାରତରେ ଅଧିକାଂଶ ଲୋକ ସମ୍ପୂର୍ଣ୍ଣ ଟିକା (ଦୁଇଟି ଡୋଜ୍) ନେଇଥିବା ବେଳେ ବହୁତ କମ୍ ଲୋକ ବୁଷ୍ଟର ବା ପ୍ରିକସନ ଡୋଜ୍ (ତୃତୀୟ ଡୋଜ୍) ନେଇଛନ୍ତି। ତଥାପି ଭାରତରେ ସଂକ୍ରମଣ ଅନ୍ୟାନ୍ୟ ଦେଶ ତୁଳନାରେ ନଗଣ୍ୟ ରହିଛି। ଏହି ପରିପ୍ରେକ୍ଷୀରେ ଚତୁର୍ଥ ଡୋଜ୍ ନେବା ଅନାବଶ୍ୟକ ମନେ ହେଉଥିବା ବେଳେ ଏହାର ଆଶ୍ୟକତା ଓ ଉପାଦେୟତା ନେଇ ଅଧିକ ଅନୁଧ୍ୟାନର ଆବଶ୍ୟକତା ରହିଛି ବୋଲି କୁହାଯାଉଛି। ଚୀନ୍‌ରେ ବ୍ୟାପକ ସଂକ୍ରମଣକୁ ଆଖି ଆଗରେ ରଖି ଭାରତରେ ଆଉ ଏକ ଲହର ଆସିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏ ପରିପ୍ରେକ୍ଷୀରେ ଭାରତରେ ଦ୍ୱିତୀୟ ବୁଷ୍ଟର ପାଇଁ ସରକାର ଅନୁମତି ଦେବା ଉଚିତ କି ନୁହେଁ ସେ ନେଇ ଅନୁଧ୍ୟାନ କରିବାକୁ କେତେକ ବୈଜ୍ଞାନିକ ପରାମର୍ଶ ଦେଇଛନ୍ତି। ଭାରତର ସ୍ଥିତି ଚୀନ୍‌ଠାରୁ ଅଲଗା। ଏଠାରେ ଅଧିକାଂଶ ଲୋକ ଦୁଇଟି ଟିକା ନେଇଛନ୍ତି ଏବଂ ଭୂତାଣୁ ସଂସ୍ପର୍ଶରେ ବି ଆସିଛନ୍ତି। କିଛି ଲୋକ ବୁଷ୍ଟର ବି ନେଇଛନ୍ତି। ଭାରତରେ ସଂକ୍ରମଣ ବି ଅନ୍ୟ ଦେଶ ତୁଳନାରେ ନଗଣ୍ୟ। ଏଣୁ ଭାରତରେ ଚୀନ୍ ଭଳି ପରିସ୍ଥିତି ଆସିବ ବୋଲି ଆଶା କରାଯାଉ ନାହିଁ। ତେଣୁ ଭାରତରେ ଦ୍ୱିତୀୟ ବୁଷ୍ଟରର ଆବଶ୍ୟକତା ନାହିଁ ବୋଲି କୁହନ୍ତି ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେସନ ଆଣ୍ଡ୍ ରିସର୍ଚ୍ଚ (ଆଇଆଇଏସ୍‌ଇଆର), ପୁନେର ବୈଜ୍ଞାନିକ ସତ୍ୟଜିତ୍ ରଥ। କିନ୍ତୁ ଇଣ୍ଡିଆନ ମେଡିକାଲ ଆସୋସିଏସନର ପୂର୍ବତନ ଅଧକ୍ଷ ଡ. ଜେଏ ଜୟଲାଲ ଏକ ବୈଠକରେ ମଙ୍ଗଳବାର କହିଛନ୍ତି ଭାରତ ସରକାର ସ୍ୱାସ୍ଥ୍ୟସେବାରେ ନିୟୋଜିତ କର୍ମଚାରୀ ଓ ସମ୍ମୁଖ କୋଭିଡ୍ ଯୋଦ୍ଧାମାନଙ୍କୁ ଚତୁର୍ଥ ଡୋଜ୍ ଦେବା ବିଷୟରେ ଚିନ୍ତା କରିବା ଉଚିତ।

୨୦୨୩ ଏପ୍ରିଲ ୧୪ ସୁଦ୍ଧା ଭାରତ ହେବ ବିଶ୍ୱର ଜନବହୁଳ ରାଷ୍ଟ୍ର

ନୂଆଦିଲ୍ଲୀ : ୨୦୨୨ ସରିବାକୁ ବସିଛି। ନୂତନ ବର୍ଷ ୨୦୨୩କୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ନୂଆ ବର୍ଷ ଭାରତ ପାଇଁ ନୂଆ ସମ୍ଭାବନାର ବର୍ଷ ହେବାକୁ ଯାଉଛି। ଜି-୨୦ର ଅଧକ୍ଷତା ପରେ ଭାରତ ଆସନ୍ତା ବର୍ଷ ପୁଣି ଏକ ରେକର୍ଡ କରିବାକୁ ଯାଉଛି। ୨୦୨୩ ଏପ୍ରିଲ ୧୪ ସୁଦ୍ଧା ଭାରତ ବିଶ୍ୱର ଜନବହୁଳ ରାଷ୍ଟ୍ରରେ ପରିଣତ ହୋଇଯିବ। ଗତ ୩୦୦ ବର୍ଷରେ ପ୍ରଥମ ଥର ପାଇଁ ଭାରତ ଚୀନ୍‌କୁ ପଛରେ ପକାଇ ଦେବ। ୩୦୦ ବର୍ଷ ପର୍ଯ୍ୟନ୍ତ ଭାରତ ବିଶ୍ୱର ଜନବହୁଳ ରାଷ୍ଟ୍ର ହୋଇ ରହିବ ବୋଲି ଜାତିସଂଘ ରିପୋର୍ଟରେ ଆକଳନ କରାଯାଇଛି। ସୂଚନା ଅନୁଯାୟୀ ୧୨ ହଜାର ବର୍ଷ ତଳେ ମେକ୍ସିକୋରେ ସର୍ବାଧିକ ଲୋକ ରହୁଥିଲେ। ପ୍ରାୟ ୭ ହଜାର ବର୍ଷ ତଳେ ଚୀନ୍ ମେକ୍ସିକୋକୁ ପଛରେ ପକାଇ ଦେଇଥିଲା। ଏହାର ୬ ହଜାର ବର୍ଷ ପରେ ଭାରତ ବିଶ୍ୱର ଜନବହୁଳ ରାଷ୍ଟ୍ର ହୋଇଥିଲା। ତେବେ ୧୮ଶ ଶତାବ୍ଦୀରେ ଅର୍ଥାତ୍ ୩୦୦ ବର୍ଷ ତଳେ ଚୀନ୍ ପୁଣି ଏହି ରେକର୍ଡ ନିଜ ନାମରେ କରିଥିଲା। ଏବେ ପୁଣିଥରେ ଜନସଂଖ୍ୟା କ୍ଷେତ୍ରରେ ଭାରତ ଚୀନ୍‌କୁ ପଛରେ ପକାଇବାକୁ ଯାଉଛି। ବିଶ୍ୱରେ ପ୍ରାୟ ୮୦୦ କୋଟି ଲୋକ ରହୁଛନ୍ତି। ଚୀନ୍‌କୁ ପଛରେ ପକାଇବା ସମୟରେ ଭାରତର ଜନସଂଖ୍ୟା ପ୍ରାୟ ୧୪୩ କୋଟି ରହିବ। ଅର୍ଥାତ୍ ବିଶ୍ୱରେ ପ୍ରତି ୫ ଜଣରେ ଜଣେ ଭାରତୀୟ ରହିବ। ଭାରତୀୟଙ୍କ ହାରାହାରି ଉଚ୍ଚତା ୫.୫ ଫୁଟ। ୧୪୩ କୋଟି ଲୋକଙ୍କ ଉଚ୍ଚତା ମିଶାଇଲେ ଏହା ୭.୮୬ ବିଲିୟନ ଫୁଟ ଅର୍ଥାତ୍ ପ୍ରାୟ ୨୪ ଲକ୍ଷ କିମି ହେବ। ପୃଥିବୀଠାରୁ ଚନ୍ଦ୍ରର ଦୂରତା ୩.୮୪ ଲକ୍ଷ କିମି ରହିଛି। ଯଦି ଭାରତୀୟଙ୍କୁ ଜଣଙ୍କ ଉପରେ ଜଣଙ୍କୁ ଛିଡ଼ା କରିଦିଆଯାଏ ତେବେ ଚନ୍ଦ୍ରଠାରୁ ୬ ଗୁଣ ଉପରକୁ ଯାଇ ହେବ। ଭାରତ ଉପରେ ଜନସଂଖ୍ୟା ବୃଦ୍ଧିର ନକରାତ୍ମକ ପ୍ରଭାବ ମଧ୍ୟ ପଡିପାରେ। ଜନସଂଖ୍ୟା ଦ୍ରୁତଗତିରେ ବଢ଼ିଲେ ସମ୍ବଳର ଉତ୍ପାଦନ ଏବଂ ଯୋଗାଣର ଗତି ଧିମା ରହିବ। ୧୯୫୦ରେ ଭାରତରେ ପ୍ରତି ବର୍ଗକିମିରେ ୧୨୦ ଲୋକ ରହୁଥିଲେ। ୨୦୨୩ରେ ସମାନ କ୍ଷେତ୍ରରେ ୪୮୧ ଲୋକ ରହିବେ। ଅର୍ଥାତ୍ ଗତ ୭୩ ବର୍ଷରେ ଭାରତର ଜନସଂଖ୍ୟା ଘନତ୍ୱ ୪ ଗୁଣ ବୃଦ୍ଧି ପାଇଛି।

ଚୀନ୍ କଳା ବଜାରରେ ଭାରତୀୟ ଔଷଧ ପ୍ରବଳ ବିକ୍ରି

ବେଜିଂ : ଚୀନ୍‌ରେ ସଂକ୍ରମଣ ଅତି ଦ୍ରୁତ ଗତିରେ ମାଡ଼ି ଚାଲିଥିବାବେଳେ ହସ୍ପିଟାଲ୍ରେ ରୋଗୀଙ୍କ ସଂଖ୍ୟା ବଢୁଛି। ଲୋକମାନେ ଯେକୌଣସି ଉପାୟରେ ପ୍ରାଣ ବଞ୍ଚାଇବାକୁ ଉଦ୍ୟମ କରୁଛନ୍ତି। ଇତି ମଧ୍ୟରେ ଚୀନ୍ କଳାବଜାରରେ ଭାରତୀୟ ଔଷଧର ଚାହିଦା ବଢ଼ିଯାଇଛି। ଚୀନ୍ ଚଳିତ ବର୍ଷ ୨ଟି କୋଭିଡ ଆଣ୍ଟିଭାଇରାଲ୍ - ଫାଇଜରର ପାକ୍ସଲୋଭିଡ ଏବଂ

EKAMAATRA
RNI Regd. No. ODIODI/2017/71524
ଏକମାତ୍ର
ଅନୁସନ୍ଧାନ ପରେ ଖବର
ଭୁବନେଶ୍ୱର, ୨ - ୮ ଜାନୁଆରୀ, ୨୦୨୩

ଘର କ୍ରେତାଙ୍କ ପାଇଁ ସୁରକ୍ଷା କବଚ ପାଲଟିଛି ରେରା

ଭୁବନେଶ୍ୱର : ରାଜଧାନୀରେ ଘର ଖଣ୍ଡିଏ କିଣିବା ପାଇଁ ସମସ୍ତଙ୍କର ଆଗ୍ରହ ରହିଥାଏ। ଘରଟିଏ ପାଇଁ ଲୋକମାନେ ସାଧାରଣତଃ ବିଲ୍ଡର ସଂସ୍ଥା ଉପରେ ନିର୍ଭର କରିଥାନ୍ତି। ହେଲେ ଅନେକ ସମୟରେ କେଉଁ ବିଲ୍ଡର ପାଖକୁ ଯାଇ ଜାଗା ବା ଘର କିଣିବେ ତାହା ବିଶ୍ୱାସ ଉପରେ ନିର୍ଭର କରେ। ବେଳେବେଳେ ଲୋକମାନେ ଠକାମୀର ଶିକାର ମଧ୍ୟ ହୋଇଥାନ୍ତି। ଏଭଳି ପରିସ୍ଥିତିରେ ରେରା ଏବେ ଗୃହ କ୍ରେତାଙ୍କର ସୁରକ୍ଷା କବଚ ସାଜିଛି। ରେରା ପଞ୍ଜୀକୃତ ଘର/ଜମି କିଣିଲେ ଲୋକ ଏବେ ଠକେଇର ଶିକାର ହେବେନି ବୋଲି ଭାବୁଛନ୍ତି। ତଥାପି ବି କିଛି ରିୟଲ ଇଷ୍ଟେଟ୍ ସଂସ୍ଥା ଠକେଇର ନୂଆ ତରିକା ଆପଣାଇ ଗ୍ରାହକଙ୍କୁ ଠକିବା ପରେ ରେରା ପକ୍ଷରୁ ଆଇନରେ ବ୍ୟାପକ ସଂଶୋଧନ ଅଣାଯାଉଛି। ନିକଟ ଅତୀତରେ ଦଖଲ ପ୍ରମାଣପତ୍ର ପ୍ରଦାନକୁ ନେଇ ହୋଇଥିବା ସଂଶୋଧନ ରିୟଲ ଇଷ୍ଟେଟ୍ କାରବାରକୁ ନୂଆ ବାଟ ଦେଖାଇଛି। ୫୦୦ ବର୍ଗମିଟରରୁ ଅଧିକ ଜାଗା କିମ୍ବା ୮ଟି ଆପାର୍ଟମେଣ୍ଟରୁ ଅଧିକ ତିଆରି ➤ ପୃ-୬

ବକ୍ରବାଣୀ

ମାଗଣାଖିଆ ହେ ଯେତିକି ଅଛ
ଦଉଡ଼ି ଆସରେ କେପିଟେଲକୁ
ତାଳି ମାରି ସବୁ ଡେଇଁବ ଏଠି
ଦେଖିବ ବସିକି ପେଣ୍ଡୁ ଖେଳକୁ
ସଜେଇ ଦେଇଚି ଭୁବନେଶ୍ୱର
ଚାରି ଆଡ଼ ସବୁ ଦୁଉଚି ନାଲି
ତୁମେ ଆଉ ମୁନ୍ଦେ ପକେଇ ଦେଲେ
ଡେଉଁଥୁବ କେଡ଼େ ବାଗରେ ଝୁଲି
ନମ୍ବର ୱାନ୍ ମୁଁ ତୁମରି ବଳେ
ମୋ ଦୟାରେ ତୁମ ସଂସାର ଚଳେ।

ଟୁଟୁ

ପାଠ ଛାଡ଼ି ଦାଦନ ଯାଉଛନ୍ତି ପିଲା

ଅର୍ଥାଭାବ ମୁଖ୍ୟ ସମସ୍ୟା

ଭୁବନେଶ୍ୱର : ହାଇସ୍କୁଲ ପରେ ପାଠ ଛାଡୁଥିବା ୬୮% ପିଲା ଚାହାନ୍ତି ଧନ୍ଦାମୂଳକ ଶିକ୍ଷା। ଓଡ଼ିଶାର ତିନିଟି ଜିଲ୍ଲାରେ ଅନୁଧ୍ୟାନ ପରେ ଆଇଆଇଏସସି ବେଙ୍ଗାଲୁରୁ ମିଳିଛି ଏହି ରିପୋର୍ଟ। ଯେଉଁ ବୟସରେ ପାଠ ପଢ଼ିବା କଥା ସେହି ବୟସରେ ସେମାନେ ଗାଈ ଓ ମେଣ୍ଢା ନେଇ ଜଙ୍ଗଲକୁ ଯାଆନ୍ତି। ନବମ ଓ ଦଶମ ପରେ ଅର୍ଥାତ୍ ମାଧ୍ୟମିକ ଶିକ୍ଷା ପରେ ସେମାନେ ଆଉ ପାଠ ପଢ଼ା ଜାରି ରଖିପାରନ୍ତି ନାହିଁ। ଅର୍ଥାଭାବ ହୁଏ ମୁଖ୍ୟ ସମସ୍ୟା। ପାଠ ପଢ଼ିବା ବୟସର ଏହି ତରୁଣ ପିଲାମାନେ ବିଲରେ କାମ କରନ୍ତି, ଜଙ୍ଗଲରୁ କାଠ ଆଣନ୍ତି ଓ ଶେଷକୁ ରୋଜଗାରର ବାଟ ନପାଇ ଦାଦନ ଭାବେ ଚେନ୍ନାଇ କିମ୍ବା ମୁମ୍ବାଇ ଚାଲିଯାଆନ୍ତି। ସେମାନଙ୍କ ପାଠ ପଢ଼ିବା ଇଚ୍ଛା ସେମିତି ରହିଯାଏ। ସେଥିପାଇଁ ୬୮% ପିଲା ଚାହାନ୍ତି ସେମାନଙ୍କୁ ନବମ ଶ୍ରେଣୀରୁ ସାଧାରଣ ପାଠ ସହ ଧନ୍ଦାମୂଳକ ଶିକ୍ଷା ବା ଭୋକେସନାଲ୍ ଏଜୁକେସନ୍ ମିଳୁ। କୋରାପୁଟ, ରାୟଗଡ଼ା ଓ ଗଜପତିରେ ପ୍ରାୟ ଦୁଇ ବର୍ଷ କାଳ ଅନୁଧ୍ୟାନ କଲା ପରେ ତିନିଟି ଜିଲାର ୧୨୦ ପିଲାଙ୍କଠାରୁ ତଥ୍ୟ ନେଇ ଏଭଳି ନିର୍ଯ୍ୟାସରେ ପହଁଚିଛନ୍ତି ଭାରତର ପ୍ରଖ୍ୟାତ ବୈଜ୍ଞାନିକ ଅନୁଷ୍ଠାନ ଇଣ୍ଡିଆନ ଇନଷ୍ଟିଚୁଟ୍ ଅଫ୍ ସାଇନସର ଗବେଷକମାନେ। ବେଙ୍ଗାଲୁରୁରେ ଅବସ୍ଥାପିତ ଇଣ୍ଡିଆନ ଇନଷ୍ଟିଚୁଟ୍ ଅଫ୍ ସାଇନସର ଏନଆଇଏସ୍ ବା ନ୍ୟାସନାଲ ଇନଷ୍ଟିଚୁଟ୍ ଅଫ୍ ଆଡଭାନ୍ସଡ ଷ୍ଟଡିଜର ମୁଖ୍ୟ ଗବେଷିକା ପ୍ରଫେସର ➤ ପୃ-୬

୧୨୧୯ କୋଟି ଟଙ୍କାର ଜଳକର ବକେୟା ପାଇଁ ଓଟିଏସ୍

ଭୁବନେଶ୍ୱର : ରାଜ୍ୟରେ ଏମଏସଏମଇ କ୍ଷେତ୍ରରେ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜ୍ୟ କ୍ୟାବିନେଟ୍ ନୂଆ ଏମଏସଏମଇ ପଲିସି-୨୦୨୨କୁ ଅନୁମୋଦନ କରିଛନ୍ତି। ଏହି ନୂଆ ଏମଏସଏମଇ ନୀତିରେ ପୁରୁଣା ଏମଏସଏମଇ ଉଦ୍ୟୋଗଗୁଡ଼ିକୁ ମଧ୍ୟ ରାଜ୍ୟ ସରକାର କ୍ୟାପିଟାଲ ଇନଭେଷ୍ଟମେଣ୍ଟ ସବସିଡି ପ୍ରଦାନ କରିବେ। ପୂର୍ବରୁ କେବଳ ନୂଆ ଏମଏସଏମଇ ଉଦ୍ୟୋଗକୁ ସବସିଡି ମିଳୁଥିଲା। ସେହିପରି ବିଭିନ୍ନ ଶିଳ୍ପ ସଂସ୍ଥା ଉପରେ ବକେୟା ଥିବା ୧୨୧୯କୋଟି ଟଙ୍କାର ଜଳକର ଆଦାୟ ନିମନ୍ତେ ରାଜ୍ୟ ସରକାର ଓଟିଏସ୍ (ୱାନ୍ ଟାଇମ୍ ସେଟେଲମେଣ୍ଟ) କରିବାକୁ ନିଷ୍ପତ୍ତି ନେଇଛନ୍ତି। ଖିଲାପୀ ସଂସ୍ଥାଗୁଡ଼ିକ କେତେକ ନିର୍ଦ୍ଦିଷ୍ଟ ସର୍ତ୍ତ ପାଳନ କରି ଏହି ଓଟିଏସର ସୁବିଧା ନେଇପାରିବେ। ରାଜ୍ୟ କ୍ୟାବିନେଟ୍ ଏହି ପ୍ରସ୍ତାବକୁ ମଧ୍ୟ ସ୍ୱୀକୃତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ ବୈଠକରେ ମୋଟ ୧୭ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ନୂଆ ଏମଏସଏମଇ ନୀତିରେ ରାଜ୍ୟ ସରକାର ସମସ୍ତ ନୂଆ ଓ ପୁରୁଣା ଏମଏସଏମଇ ଉଦ୍ୟୋଗକୁ ଟ୍ରେଡ୍ ମାର୍କ ହାସଲ ନିମନ୍ତେ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ଯୋଗାଇ ଦେବେ। ➤ ପୃ-୬

ଓଡ଼ିଶାରେ ସାଇବର ଠକେଇର ବାର୍ଷିକ ରିପୋର୍ଟ

୧୨ ମାସରେ ୧୩ କୋଟି ଲୁଟ୍

ଭୁବନେଶ୍ୱର : ଏବେ ଭିନ୍ନ ଭିନ୍ନ ଶୈଳୀରେ ଲୋକଙ୍କୁ ଟାର୍ଗେଟ କରୁଛନ୍ତି ସାଇବର ଅପରାଧୀ। ସାମ୍ନାକୁ ଆସିଲା ସାଇବର ଠକେଇର ବାର୍ଷିକ ରିପୋର୍ଟ। ୧୨ ମାସରେ ସାଇବର ଠକ ଲୁଟିଛନ୍ତି ୧୩ କୋଟି ଟଙ୍କା। ସେଥିରୁ ମାତ୍ର ୨ କୋଟି ୭୦ ଲକ୍ଷ ଫେରାଇ ଆଣିବାକୁ ସକ୍ଷ୍ୟମ ହୋଇପାରିଛି ପୋଲିସ। ବର୍ଷକରେ ଆସିଛି ୩୮୧୧ଟି ଅଭିଯୋଗ। ନାନା ରକମର ଥୋପ ପକାଇ ଲୋକଙ୍କୁ ଚୂନ ଲଗାଛନ୍ତି ସାଇବର ଲୁଟେରା। କେତେବେଳେ କ୍ରେଡିଟ୍ କାର୍ଡ ତ କେତବେଳେ ଲୋନ୍ ଆପ, ପୁଣି ଆଉ

କେତବେଳେ ନ୍ୟୁଡ କଲ ଏବଂ ଫେକ୍ କଲ ମାଧ୍ୟମରେ ଲୁଟିଛନ୍ତି ଲୁଟେରା। କେବଳ ଏତିକି ନୁହେଁ ଇନସୁରାନ୍ସ, ବୁଦ୍ୟତ ବିଲ ପୈଠ, ଅନଲାଇନ ସପିଂ, ଟ୍ରାଭେଲ ଟିକେଟ ଠକେଇ ଭଳି ହଜାର ହଜାର ଅଭିଯୋଗ ଥାନାରେ ରୁଜୁ ହୋଇଛି। ସୋସିଆଲ ମିଡିଆ ଜରିଆରେ ବର୍ଷକରେ ୫୬୫ଟି ଫ୍ରଡ ହୋଇଥିବା ବେଳେ ୩୨୪୬ ଟି ହୋଇଛି ଫାଇନାନ୍ସିଆଲ ଫ୍ରଡ। ବର୍ଷକରେ ୧୨ କୋଟି ୯୬ ଲକ୍ଷ ଟଙ୍କା ଠକ ଲୁଟିଥିବା ବେଳେ ୧ କୋଟି ୨୩ ଲକ୍ଷ ଟଙ୍କା ଠକେଇ ଶିକାର ବ୍ୟକ୍ତିକୁ ଫେରାଯାଇଛି। ଅନ୍ୟପଟେ ୧ କୋଟି ୪୬ ଲକ୍ଷ ଟଙ୍କା ବ୍ଲକ କରି ୩୮ ଜଣଙ୍କୁ ଗିରଫ କରିଛି ପୋଲିସ। ମୋଟ୍ ୫୩ଟି ମାମଲାରୁ ୨୭ଟିରେ ତଦନ୍ତ ସଫଳ ହୋଇଛି। ସାଇବର ଠକେଇ ➤ ପୃ-୬

ମିଶନ ଶକ୍ତି ମୋର ପ୍ରିୟ କାର୍ଯ୍ୟକ୍ରମ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁଗୁଳ ଜିଲ୍ଲା ଗସ୍ତ କରି ୧୮୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିରେ ୩୧୩ କୋଟି ଟଙ୍କାରେ ୭୪୬ଟି ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିବା ବେଳେ, ୧୪୯୨ କୋଟି ଟଙ୍କାର ୭୯୫ଟି ପ୍ରକଳ୍ପ ପାଇଁ ଭିତ୍ତି ରଖାଯାଇଛି। ଏହାସହିତ ଅନୁଗୁଳରେ ୩୫୦ କୋଟି ଟଙ୍କାରେ ଦୁଇଟି ବୃହତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଏବଂ ଏହି ପ୍ରକଳ୍ପ ଦୁଇଟିକୁ ରାଜ୍ୟ କ୍ୟାବିନେଟ ମଂଜୁରୀ ଦେଇସାରିଛି ବୋଲି କହିଥିଲେ। ଏହାଦ୍ୱାରା ଜିଲ୍ଲାର ୪୮ଟି ପଞ୍ଚାୟତର ଲୋକ ପାନୀୟ ଜଳ ପାଇପାରିବେ। ଅନୁଗୁଳକୁ ସେବା ଓ ସଂଗ୍ରାମର ଭୂମି ଭାବେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ ଓ ପବିତ୍ର ମୋହନ ପ୍ରଧାନଙ୍କ ପରି ସଂଗ୍ରାମୀ ନେତାମାନଙ୍କ ତ୍ୟାଗ ଓ ସେବାକୁ ସ୍ମରଣ କରିଥିଲେ। ବିକାଶ ଅନୁଗୁଳର ସବୁଠାରୁ ବଡ ପରିଚୟ ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଅନୁଗୁଳରେ ଶିଳ୍ପ ପ୍ରତିଷ୍ଠା ସହିତ ନିଯୁକ୍ତିର ସୁଯୋଗ ବଢୁଛି। ଚଳିତ ମେକ୍-ଇନ୍-ଓଡିଶାରେ ରାଜ୍ୟ ୧୦ ଲକ୍ଷ କୋଟି ➤ ପୃ-୬

'ସହରାଞ୍ଚଳ ମୋ ସେବା କେନ୍ଦ୍ର' ଉଦ୍‌ଘାଟିତ

ଭୁବନେଶ୍ୱର : ଭୁବନେଶ୍ୱରରେ ଆଦର୍ଶ 'ସହରାଞ୍ଚଳ ମୋ ସେବା କେନ୍ଦ୍ର' ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ବାପୁଜୀ ନଗରରେ ସ୍ମାର୍ଟ ସିଟି ସହଯୋଗରେ ଏହି ମୋ ସେବା କେନ୍ଦ୍ର ଆରମ୍ଭ କରାଯାଇଛି। ଏହି କେନ୍ଦ୍ରରେ ସହରାଞ୍ଚଳବାସୀଙ୍କୁ କୃଷକ ପଞ୍ଜୀକରଣ, ଶ୍ରମ ପଞ୍ଜିକରଣ, ମୃତ୍ୟୁ ଏବଂ ଜନ୍ମ ପ୍ରମାଣପତ୍ର, ଆଧାର କାର୍ଡ, ପ୍ୟାନ କାର୍ଡ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ, ଜୀବନ ପ୍ରମାଣ ଇତ୍ୟାଦି ଡିଜିଟାଲ୍ ସେବା ଯୋଗାଇ ଦିଆଯିବ। ବର୍ତ୍ତମାନସୁଦ୍ଧା ୬୨୦୦ ପଞ୍ଚାୟତରେ "ମୋ ସେବା କେନ୍ଦ୍ର" ପ୍ରତିଷ୍ଠା କରାଯାଇଅଛି। ମୋ ସେବା କେନ୍ଦ୍ର ମାଧ୍ୟମରେ ୪୦୦ରୁ ଉର୍ଦ୍ଧ୍ୱ ସେବା ସୁଲଭ ମୂଲ୍ୟରେ

ନାଗରିକଙ୍କ ପାଇଁ ଉପଲବ୍ଧ କରାଯାଇଛି। ଏହି ମଡେଲ୍ "ସହରାଞ୍ଚଳ ମୋ ସେବା କେନ୍ଦ୍ର" ସହରାଞ୍ଚଳ ନାଗରିକଙ୍କ ବସବାସ କରୁଥିବା ଲୋକଙ୍କ ଦୈନନ୍ଦିନ ଡିଜିଟାଲ୍ ସେବାର ଅବଶ୍ୟକତାକୁ ପୂରଣକରିବ। ଏହି ସେବାକେନ୍ଦ୍ରରେ ୪ଟି ସାଧାରଣ କାଉଣ୍ଟର ଏବଂ ୨ଟି ଆଧାର କାଉଣ୍ଟର ଉପଲବ୍ଧ କରାଯାଇଛି। ଏହି କେନ୍ଦ୍ରରେ ସାଧାରଣ ଲୋକଙ୍କ ପାଇଁ ସୁବ୍ୟବସ୍ଥିତ ପ୍ରତୀକ୍ଷାଗୃହର, ➤ ପୃ-୬

CITY HOMES
Near AMRI Hospital, Ghatikia, Khandagiri
Bhubaneswar
Developed By-
Evos Buildcon Pvt .Ltd
Plot No-284/2485,
Patrapada Bhubaneswar
Luxurious 2BHK / 3BHK Apartment At An Affordable Price
Approved By-
Odisha Real Estate Regulatory Authority
State Bank of India
THE BANKER TO EVERY INDIAN
Bhubaneswar Municipal Corporation
Progress Through Partnership for Better Bhubaneswar
EVOS PARADISE,
Near AIIMS Hospital,BBSR


For More Information Contact:-
7440005812 / 7440005813
www.evosbuildcon.com
Email- support@evos.co.in

'ଓଡ଼ିଶାରେ ସରକାର କିଏ ଚଳାଉଛି'

ଭୁବନେଶ୍ୱର : ରାଜ୍ୟ ସରକାର, ମୁଖ୍ୟମନ୍ତ୍ରୀ ନବନୀ ପଟ୍ଟନାୟକ ଓ ରାଜ୍ୟ ପୁଲିସକୁ ପ୍ରଶ୍ନବାଣରେ ଘାଇଲା କଲେ ବିଜେପି ସଭାପତି ନଡ୍ଡା। ସେ ରାଜ୍ୟ ସରକାରଙ୍କୁ ପଚାରିଛନ୍ତି, ଶ୍ରୀଜଗନ୍ନାଥଙ୍କ ରତ୍ନ ଭଣ୍ଡାର ସୁରକ୍ଷିତ ରଖିବା କାମ କାହିଁକି କରାଯାଉନି ? ରତ୍ନ ଭଣ୍ଡାର ଚାବି କୁଆଡ଼େ ଗଲା ? ନବୀନଙ୍କୁ ଜବାବ ଦେବାକୁ ହେବ। ନବୀନ କହିଥିଲେ ଓଡ଼ିଆ ବିଶ୍ୱବିଦ୍ୟାଳୟ କରିବେ। ୫ ବର୍ଷ ପୂରିବାକୁ ବସିଛି କୁଆଡ଼େ ଗଲା ବିଶ୍ୱବିଦ୍ୟାଳୟ ? ନୟାଗଡ଼ର ସୁଗାର ମିଲ୍ କାହିଁକି ଖୋଲିପାରୁନି ? ଆଖୁ ଚାଷୀକୁ ତା'ର ପରିଶ୍ରମ ମୂଲ୍ୟ କାହିଁକି ମିଳିପାରୁନି ? ଏନ୍‌ସିବି ରିପୋର୍ଟ ଅନୁସାରେ ମହିଳା ନିର୍ଯାତନା ଓଡ଼ିଶାରେ ଦ୍ୱିଗୁଣିତ ହୋଇଛି। ସବୁଠାରୁ ଅଧିକ ମହିଳା ଚାଲାଣ ଓଡ଼ିଶାରୁ ହେଉଛି। ମହିଳା ଚାଲାଣରେ ଓଡ଼ିଶା ଦେଶରେ ସବୁଠାରୁ ଆଗରେ। ଓଡ଼ିଶା ପୁଲିସ ଉପରେ ମଧ୍ୟ ସବୁଠାରୁ ଅଧିକ ଆକ୍ରମଣ ହୋଇଛି। ରକ୍ଷକ ଭକ୍ଷକ ଥିଲା, ଏବେ ରକ୍ଷକ ନିଜେ ଅସୁରକ୍ଷିତ ହୋଇପଡ଼ିଛି। ଯେଉଁଠି ରକ୍ଷକ ନିଜେ ଅସୁରକ୍ଷିତ, ସେ ସୁରକ୍ଷା ଦେବ କେମିତି ? ଏହା ଏଭଳି ଏକ ପ୍ରଦେଶ, ଯେଉଁଠି ସରକାର କିଏ ଚଳାଉଛି ଜଣାପଡୁନି।

ଏଭଳି ସରକାରକୁ ଛୁଟି କରିଦେବା ଦରକାର। ପ୍ରଦେଶ ହିତ କଥା କହୁଥିବା ନବୀନ ବାବୁ ଓଡ଼ିଶାର ୬୦ ଲକ୍ଷ ଲୋକଙ୍କୁ ଆୟୁଷ୍ମାନ ଭାରତ ଯୋଜନାରୁ ବଞ୍ଚିତ କରୁଛନ୍ତି। ଏଭଳି ସରକାରକୁ ଏଠାରେ ରଖାଯିବା ଉଚିତ କି ବୋଲି ପଚାରିଥିଲେ ନଡ୍ଡା। ସେହିପରି ସେ କହିଥିଲେ, ଦେଶରେ ଖୋଲିଥିବା ଏକଲବ୍ୟ ଆବାସିକ ସ୍କୁଲ ମଧ୍ୟରୁ ସର୍ବାଧିକ ୮୭ଟି ସ୍କୁଲ ଓଡ଼ିଶାରେ ହୋଇଛି। ଏହାଛଡ଼ା ୩ ଶହ କୋଟି ଟଙ୍କାରେ ଭୁବନେଶ୍ୱର ରେଳ ଷ୍ଟେସନ ଚକାଚକ୍ ହେଉଛି। ପ୍ରତି ଘରକୁ ଟ୍ୟାପ୍ ପାଣି ସଂଯୋଗ ନିମନ୍ତେ ମୋଦି ସରକାର ୩୩୨୩ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମହାନଦୀ ଭିତରେ ଗବେଷଣା କରାଯାଇ ପ୍ରାକୃତିକ ଗ୍ୟାସ୍ ଓ ତୈଳ ସନ୍ଧାନ କରାଯାଇଛି। ସମ୍ବଲପୁରରେ ୨୦୦ ଏକର ଜମିରେ ୪୦ କୋଟି ଟଙ୍କା ଖର୍ଚ୍ଚରେ ଆଇଆଇଏମ୍ କରାଯାଉଛି। ତେଣୁ ଏଠାର ପିଲାଙ୍କୁ ପାଠ ପଢ଼ିବାକୁ ଆଉ ଅହମଦାବାଦ୍ ଯିବାକୁ ପଡ଼ିବନାହିଁ। ବ୍ରହ୍ମପୁରରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଆଫ୍ ସାଇନ୍ସ ଏଜୁକେସନ୍ ପ୍ରତିଷ୍ଠାନ ନିମନ୍ତେ ୧୫ ଶହ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଭୁବନେଶ୍ୱରରେ ସ୍କିଲ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ କରାଯାଇଛି। ମୋଦି ସରକାରଙ୍କୁ ତାରିଫ କରି ସେ କହିଥିଲେ, ଯେଉଁ ଇଂରେଜମାନେ ଭାରତ ଉପରେ ୨୦୦ ବର୍ଷ ଶାସନ କରିଥିଲେ ଏବେ ସେହି ଭାରତ ଇଂରେଜମାନଙ୍କ ଦେଶ ବ୍ରିଟେନ୍‌କୁ ପଛରେ ପକାଇ ବିଶ୍ୱର ୫ମ ଅର୍ଥନୀତି ହୋଇଛି। ଦେଶରେ କେମିକାଲ ଶିଳ୍ପ ୧୬୦ ପ୍ରତିଶତ ବୃଦ୍ଧି ହୋଇଥିବା ବେଳେ ମୋବାଇଲ ଉତ୍ପାଦନରେ ଭାରତ ୨ ନମ୍ବର ରାଷ୍ଟ୍ର, ଗାଡ଼ି ଉତ୍ପାଦନରେ ୪ ନଂ ଓ ଔଷଧ ଉତ୍ପାଦନରେ ୧୨ ନଂ ସ୍ଥାନ ନେଇଛି। ଇଣ୍ଟରନ୍ୟାସନାଲ ମନିଟାରି ଫଣ୍ଡ ମୁତାବକ ଆମ ଦେଶର ଗରିବ ୧ ପ୍ରତିଶତରୁ ବି କମ୍ ହୋଇଯାଇଛି। ଦେଶର ୮୦ କୋଟି ଲୋକଙ୍କୁ ଆବଶ୍ୟକତା ମୁତାବକ ୫ କେଜି ରାସନ ଓ ୧ କେଜି ➤ ପୃ-୬

ସ୍ୱାସ୍ଥ୍ୟ ବିଭାଗର କୋଭିଡ୍ ସ୍ଥିତି ସମୀକ୍ଷା

ନିଜ ସୁରକ୍ଷା ପାଇଁ ମାସ୍କ ପିନ୍ଧନ୍ତୁ

ଭୁବନେଶ୍ୱର : ରାଜ୍ୟରେ କୋଭିଡ୍ ସ୍ଥିତି ଚିନ୍ତାଜନକ ନୁହେଁ। ଚୀନରେ କୋଭିଡ୍ ପରିସ୍ଥିତି ଯାହା ତା'ର କାରଣ ଅନେକ, ତାକୁ ନେଇ ଭୟ କରିବାର କାରଣ ନାହିଁ। ଏବେ ଦେଶରେ ବା ଓଡ଼ିଶାରେ କୋଭିଡର ବିଏଫ.୭ ଭାରିଏଣ୍ଟକୁ ନେଇ ଯେଉଁ ଆଶଙ୍କା କରାଯାଉଛି, ତାହା ବି ୩-୪ମାସ ଧରି ଏଠାରେ ରହିଛି। ଏହାର କିଛି ବି ସେଭଳି ଗୁରୁତର ପରିଣାମ ହୋଇନି। ତେଣୁ ବିଶେଷଜ୍ଞମାନଙ୍କ ପରାମର୍ଶରେ ରାଜ୍ୟ ସରକାର କୌଣସି ପ୍ରକାରର କଟକଣା ଜାରି କରିବେ ନାହିଁ। କେବଳ ଜନଗହଳିପୂର୍ଣ୍ଣ ଅଞ୍ଚଳକୁ ଯିବାବେଳେ ଲୋକେ ସ୍ୱେଚ୍ଛାକୃତ ଭାବେ ଆବଶ୍ୟକ ପ୍ରତିଷେଧକ ପଦକ୍ଷେପ ନେବା ଉଚିତ୍ ବୋଲି ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସ୍ୱାସ୍ଥ୍ୟ ସଚିବ ଶ୍ରୀମତୀ ପଣ୍ଡିତ କହିଛନ୍ତି ଯେ, ରାଜ୍ୟରେ କୋଭିଡ୍ ପରିସ୍ଥିତିର ସମୀକ୍ଷା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଏଥିରେ ବିଭିନ୍ନ ଅନୁଷ୍ଠାନର ବିଶେଷଜ୍ଞଙ୍କ ସମେତ ସରକାରଙ୍କ ବରିଷ୍ଠ ଅଧିକାରୀ ଓ ବିଶେଷଜ୍ଞମାନେ ସାମିଲ ହୋଇଥିଲେ। ବୈଠକରେ ଚୀନର ବର୍ତ୍ତମାନର ପରିସ୍ଥିତି ତଥା ଦେଶ ଓ ରାଜ୍ୟର କୋଭିଡ୍ ପରିସ୍ଥିତିକୁ ନେଇ ବିସ୍ତୃତ ଆଲୋଚନା ହୋଇଛି। ଓଡ଼ିଶାରେ କୋଭିଡ୍ ସ୍ଥିତିକୁ ନେଇ ଆତଙ୍କିତ ହେବାର କୌଣସି କାରଣ ନାହିଁ ବୋଲି ଏହି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଗତ ୩ମାସ ଧରି ରାଜ୍ୟରେ କୋଭିଡ୍ ମାମଲା ହ୍ରାସ ପାଇବା ପରେ ସରକାର ରାଜ୍ୟରୁ କୋଭିଡ୍ କଟକଣା ସବୁ ହଟାଇ ଦେଇଥିଲେ। କୋଭିଡ୍ ନିୟମ ଉଲ୍ଲଙ୍ଘନ ପାଇଁ କୌଣସି ପ୍ରକାରର ଜୋରିମାନା ମଧ୍ୟ ଏବେ ନାହିଁ। କାରଣ ଗତ ୩ମାସ ଧରି ରାଜ୍ୟରେ ମାତ୍ର ୫ରୁ ୭ଜଣ ବ୍ୟକ୍ତି ଦୈନିକ କୋଭିଡ୍ ସଂକ୍ରମିତ ହେଉଛନ୍ତି। ଓଡ଼ିଶାରେ ପ୍ରତି ୧୦ଲକ୍ଷରେ ୧୩୧ଜଣଙ୍କ କୋଭିଡ୍ ପରୀକ୍ଷା ହେଉଥିବାବେଳେ ଦୈନିକ ପ୍ରାୟ ୬-୭ହଜାର ପରୀକ୍ଷା ହେଉଛି। ସେମାନଙ୍କ ମଧ୍ୟରୁ ମାତ୍ର ୫-୬ଜଣ ସଂକ୍ରମିତ ଚିହ୍ନଟ ହେଉଛନ୍ତି। କୌଣସି ସଂକ୍ରମିତଙ୍କ ସ୍ୱାସ୍ଥ୍ୟବସ୍ଥା ମଧ୍ୟ ଖରାପ ହେଉନି। ସେହିଭଳି ଦେଶରେ ବି ସର୍ବାଧିକ ୧୦୦ ଭିତରେ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ରହୁଛି। ଓଡ଼ିଶାରେ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ମାତ୍ର ୦.୦୪% ହୋଇଥିବାବେଳେ ସମଗ୍ର ଦେଶରେ ଏହା ୦.୩% ଅଛି। ତେଣୁ ଗତ ୪ସପ୍ତାହର ସ୍ଥିତିକୁ ଅନୁଧ୍ୟାନ କରିବା ପରେ ସରକାର ରାଜ୍ୟରେ କୋଭିଡ୍ ସଂକ୍ରାନ୍ତ କୌଣସି କଟକଣା ବା ନିୟମ ଲାଗୁ କରିବାକୁ ଚାହୁଁନାହାନ୍ତି। ତେବେ ଏବେ ଯେଉଁ ସବୁ ସଂକ୍ରମିତ ଚିହ୍ନଟ ହେଉଛନ୍ତି ସମସ୍ତଙ୍କର ଜିନୋମ ଟେଷ୍ଟିଂ କରାଯାଉଛି। ରାଜ୍ୟର ୩ଟି ସ୍ଥାନରେ ଏହି ଜିନୋମ ଟେଷ୍ଟିଂ ହେଉଛି। ତା'ଛଡ଼ା ରାଜ୍ୟରେ ଏବେ ଦୈନିକ କୋଭିଡ୍ ପରୀକ୍ଷା ଯାହା ହେଉଛି ସେଥିର

ସୁଖ ପାଖରେ ଜ୍ଞାନ
ନଥାଏ । ଯିଏ ଜ୍ଞାନୀ
ସେ ସୁଖ ପଛରେ
ଗୋଡ଼ାଏ ନାହିଁ ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨ - ୮ ଜାନୁଆରୀ, ୨୦୨୩

ସମୟ ଭଲ ନାହିଁ ଏବେ

ଯୁଦ୍ଧ, ଆତଙ୍କ, କରୋନା ଓ ଶାନ୍ତି । ଏହା ମଧ୍ୟରୁ କିଏ ଏବେ ବିଶ୍ୱ ରାଜନୀତିର ପ୍ରମୁଖ ପ୍ରସଙ୍ଗ ବୋଲି ପଚରାଗଲେ, ଯେ କେହି କହିବେ ଶାନ୍ତି କମ ଲଢେଇ ବେଶୀ । କେଉଁ ଦେଶରେ କ୍ଷମତାର ଲଢେଇ ତ ଅନ୍ୟ କେଉଁଠି ସୀମାକୁ ନେଇ । ରଷ-ୟୁକ୍ରେନ ଯୁଦ୍ଧ ବିଶ୍ୱକୁ ଏବେ ନୂଆ ବାର୍ତ୍ତା ଦେଉଛି । ଏହି ବାର୍ତ୍ତାଟି ଏଭଳି ଯେ, ଆଜିକାଲି ଆଉ ସ୍ୱଳ୍ପକାଳୀନ ଯୁଦ୍ଧ ନୁହେଁ, ଦୀର୍ଘ ଲଢେଇ ପାଇଁ ସବୁ ଦେଶ ପ୍ରସ୍ତୁତ ରହିବା । ତେଣୁ ଛୋଟ ଛୋଟ ଦେଶମାନେ ନିଜକୁ ସୁରକ୍ଷିତ ରଖିବା ଅପରିହାର୍ଯ୍ୟ ହୋଇଥିଲାବେଳେ ଦେଶର ପ୍ରତିରକ୍ଷା ପ୍ରତି ଆଉ ଉଦାସୀନ ହେବା ସମ୍ଭବ ନୁହେଁ । କାରଣ ବିଶ୍ୱର କିଛି ରାଷ୍ଟ୍ର ଯେଭଳି ନିଜକୁ ସୁପର ପାୱାର କରିବା ପାଇଁ ଅନ୍ୟ ଦେଶ ଉପରେ ଚାପ ସୃଷ୍ଟି କରୁଛନ୍ତି ତାହା କେବଳ ଅନ୍ୟ ଦେଶରେ ଅସ୍ଥିରତା ସୃଷ୍ଟି ନିମନ୍ତେ କାର୍ଯ୍ୟ କରୁଛି । ଆମେରିକା ହେଉ ଅବା ରଷ ଏ କ୍ଷେତ୍ରରେ ଭିନ୍ନ ରୋଲ ପ୍ଲେ କରୁଥିଲା ବେଳେ ଚୀନ ଭଳି ବିସ୍ତାରବାଦୀ ଦେଶ ସେ କେବଳ ନିଜ ଚତୁର୍ପାର୍ଶ୍ୱ ଦେଶର ସୀମାକୁ ନିଜ କବଳରେ ରଖିବାର ଅପଚେଷ୍ଟା ଜାରି ରଖିଛି । କୋଭିଡ ଆରମ୍ଭ ଠାରୁ ଏ ପର୍ଯ୍ୟନ୍ତ ବିଶ୍ୱର ବହୁ ବିକଶିତ ରାଷ୍ଟ୍ର କରୋନା ଉହାନ ଲାବରୁ ଉତ୍ପତ୍ତି କହି ଆସୁଥିଲାବେଳେ ଚୀନ ଏହାକୁ ସ୍ୱୀକାର କରୁନାହିଁ । ଯେଉଁଥିପାଇଁ ଅନେକ ରାଷ୍ଟ୍ର ଚୀନକୁ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି । ଏବେ ପୁଣି ସେହି ଚୀନରେ ଆତଙ୍କ ସୃଷ୍ଟି କରିଛି କରୋନା । ରୋଗୀ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଥିଲା ବେଳେ ମୃତ କରୋନା ରୋଗୀଙ୍କ କୁଢ଼ କୁଢ଼ ଶବ ଅନ୍ତିମ ସଂସ୍କାର ଅପେକ୍ଷାରେ ଧାଡି ବାନ୍ଧିଛନ୍ତି । ଏଭଳି ସମୟରେ ଚୀନ ଭାରତ ବିପକ୍ଷରେ ସୈନ୍ୟ କାରବାରରେ ଲିପ୍ତ ରହିଛି ।ବାରମ୍ବାର ଭାରତ ସୀମାରେ ନିଜର ସୈନ୍ୟବଳ ବଢ଼ାଇ ଏକପ୍ରକାର ଭାରତ ସୀମାରେ ଜବରଦଖଲ କରିବାକୁ ଚାହୁଁଛି । ହେଲେ ଭାରତର ବୀର ଯବାନ ଏହାର କଡା ମୁକାବିଲା କରୁଛନ୍ତି । ଯାହାଫଳରେ ଚୀନ ନିଜ ମନ୍ଦ ଉଦ୍ଦେଶ୍ୟକୁ ସହଜରେ ସାକାର କରିପାରୁନାହିଁ । ଯେଉଁଥିପାଇଁ ଭିନ୍ନ ଭିନ୍ନ ଚକ୍ରାନ୍ତ କରି ଭାରତରେ ଅସ୍ଥିରତା ସୃଷ୍ଟି କରିବାକୁ ଚାହୁଁଛି । କିନ୍ତୁ କୋଭିଡ ଭଳି ଏକ ମହାମାରୀର ବିନାଶ ହୋଇନଥିଲା ବେଳେ ଏହାର ମୂଳପ୍ରାଟନ ନେଇ ଅଧିକରୁ ଅଧିକ ଗବେଷଣାର ଆବଶ୍ୟକତା ଥିଲାବେଳେ ଚୀନ କିନ୍ତୁ ଅଧିକ ଜୈବିକ ଅନୁସନ୍ଧାନ କାର୍ଯ୍ୟରେ ଲିପ୍ତ ଥିବାର ଖବର ମିଳୁଛି । କେହି କେହି ଅଭିଯୋଗ କରୁଛନ୍ତି ଯେ, ଚୀନ ଜୈବିକ ଅସ୍ତ୍ର ବ୍ୟବହାର ଜରିଆରେ ମହାମାରୀ ବାଣ୍ଟୁଛି । ଏଥିରେ ତାର ମନ୍ଦ ଉଦ୍ଦେଶ୍ୟ ସ୍ପଷ୍ଟ ଯେ,ନିଜକୁ ବିଶ୍ୱର ଏକ ନମ୍ବର ରାଷ୍ଟ୍ର କରିବା ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ ଲକ୍ଷ୍ୟ ରଖିଛନ୍ତି । ଏପଟେ ଅନେକ ଦୁର୍ବଳ ଦେଶକୁ ଋଣ ଜାଲରେ ବାନ୍ଧି ଏହାର ଭୂମି ନିଜ ଅକ୍ତିଆରକୁ ଆଣିବା ଓ ଆବଶ୍ୟକ ସ୍ଥଳେ ଉକ୍ତ ଦେଶ ମାନଙ୍କରେ ନିଜର କାୟା ବୃଦ୍ଧି କରି ଅନ୍ୟ ଦେଶ ବିରୁଦ୍ଧରେ ସାମରିକ କାର୍ଯ୍ୟାନୁଷ୍ଠାନ ବଢାଇବା । ଆମେରିକାକୁ ବିରୋଧ କରୁଥିବା ଚୀନ ରଷ ସମର୍ଥନରେ ଲାଗିଥିଲା ବେଳେ ତାଇୱାନ ବିରୁଦ୍ଧରେ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇସାରିଛି । ସଦ୍ୟ ଉଦାହରଣ ଭାବେ ଆର୍ଥିକ ସ୍ଥିତି ବିଗିଡିଥିବା ଶ୍ରୀଲଙ୍କା ଓ ପାକିସ୍ତାନର ସ୍ଥିତି ଅନୁଧ୍ୟାନ କଲେ ଚୀନର ଚାଲ ବୁଝି ହୋଇଯିବ । ଏହି ଦୁଇ ଦେଶ ଚୀନ ଚାଲ ବୁଝି ନପାରି ଦେଶ ବଞ୍ଚାଇବାକୁ ତା ଠାରୁ ଅଧିକ ଋଣ କରିଥିଲେ । ଋଣ ପରିଶୋଧ ଆଳରେ ଚୀନ ଶ୍ରୀଲଙ୍କା ଓ ପାକିସ୍ତାନକୁ ନିଜ ଅକ୍ତିଆରରେ ରଖିଛି । ଯାହାକି ଭାରତ ପାଇଁ ସମସ୍ୟା ସୃଷ୍ଟି କରିବା ଲାଗି ଉଦ୍ଦିଷ୍ଟ ବୋଲି କୁହାଯିବ । କାରଣ ଉଭୟ ଶ୍ରୀଲଙ୍କା ଓ ପାକିସ୍ତାନ ଭାରତର ପଡୋଶୀ ରାଷ୍ଟ୍ର । ଯଦିଓ ଶ୍ରୀଲଙ୍କା ଭାରତ ପାଇଁ ବଡ଼ ବିପଦ ନୁହେଁ, ପାକିସ୍ତାନ ଆମର ଚିର ଶତ୍ରୁ ଭାବେ ଦୀର୍ଘ ବର୍ଷ ହେଲା ପ୍ରମାଣିତ ହୋଇସାରିଛି । ବର୍ତ୍ତମାନ ପରିପ୍ରେକ୍ଷୀରେ ଚୀନ ଆଉ ପାକିସ୍ତାନକୁ ଅଧିକ ଆର୍ଥିକ ସହାୟତା ଦେବା ବଦଳରେ ପୁରୁଣା ଋଣ ସୁଧ ସହ ଅସୁଲି ଚକ୍ରାନ୍ତ କରୁଛି । ପାକିସ୍ତାନର ଦୁର୍ବଳ ଅସ୍ଥାରୁ ଫାଇଦା ନେବାକୁ ଚାହଁଚି । ହେଲେ ପିଓକେ ମଧ୍ୟରେ ଚୀନ ଯେଉଁ ପ୍ରକଳ୍ପ ଆରମ୍ଭ କରିଥିଲା ତାହା ଆଉ ଆଗକୁ ବଢିବା ସମ୍ଭବପର ନୁହେଁ । ଏହାର କାରଣ ପିଓକେବାସୀ ପାକ ବିରୋଧରେ ସ୍ୱର ତୀବ୍ର କରି ଚୀନ ପ୍ରକଳ୍ପ ଗୁଡିକ ଉପରେ ରୋକ ଲଗାଉଛନ୍ତି । ଗତ ବର୍ଷେ ହେଲା ପିଓକେକୁ ଭାରତ ନିକଟକୁ ଫେରେଇଆଣିବା ନେଇ ଭାରତର ରଣନୀତି ସଠିକ ମାର୍ଗରେ ଚାଲିଛି । ପିଓକେବାସୀ ନିଜକୁ ଭାରତୀୟ କହିବା ସହ ପାକ ସେନାକୁ ତୀବ୍ର ବିରୋଧ କରୁଛନ୍ତି । ସେଠାରେ ପାକ ବିରୋଧରେ ଆନ୍ଦୋଳନ ବଢୁଥିଲା ବେଳେ ପାକ ସେନା ପିଓକେବାସୀଙ୍କ ଉପରେ ଦମନ ଲୀଳା ଚଳାଇଛନ୍ତି । ଅନ୍ୟପଟେ ପାକ ନିଜ ଜାଲରେ ନିଜେ ଫସିଛି । ଆଫଗାନିସ୍ତାନ ପଟୁ ପାକ ଉପରେ ବିପଦ ଘନେଇ ଆସୁଛି । ଯେଉଁ ଆତଙ୍କବାଦୀଙ୍କୁ ପାକ ପାଳିପୋଷି ବଡ଼ କରିଥିଲା ସେମାନେ ତେହରିକ ତାଲିବାନ ରୂପରେ ଭୀଷଣ ରୂପ ଧାରଣ କରି ଆଫଗାନ ସୀମାରେ ପାକ ଜମିରେ ନିଜର ପତାକା ଉଡାଇଲେଣି । ପାକିସ୍ତାନର ବିଭିନ୍ନ ସ୍ଥାନରେ ଟିଟିପି ୪୦୦ରୁ ଊର୍ଦ୍ଧ୍ୱ ହମଲା କରିସାରିଛି । ଏଥିରେ କିଛି ପାକ ଯବାନ ପ୍ରାଣ ହରାଇଥିଲାବେଳେ ଆଉକିଛି କ୍ଷତାକ୍ତ ହୋଇଛନ୍ତି ।ବିଶ୍ୱ ସାରା ବୁଲି ପାକିସ୍ତାନ ଟଙ୍କା ପାଇଁ ଭିକ ମାଗୁଥିଲା ବେଳେ ବିକଶିତ ରାଷ୍ଟ୍ର ଏବଂ ବହୁ ମୁସଲିମ ରାଷ୍ଟ୍ର ମଧ୍ୟ ପାକିସ୍ତାନକୁ ବିଶ୍ୱାସକୁ ନେଉନାହାନ୍ତି । ଯେଉଁଥିପାଇଁ ପାକିସ୍ତାନ ଏବେ କ୍ଷୁଧାର ସାମ୍ନା କରିବାକୁ ବାଧ୍ୟ ହୋଇପଡିଛି । ସୂଚନା ଅନୁସାରେ ଦିନକୁ ଦିନ ପାକିସ୍ତାନରେ ଦରଦାମ ବଢିଚାଲିଛି । ଯାହାର ପ୍ରଭାବ ପାକିସ୍ତାନୀ ଜନତାଙ୍କ ଉପରେ ପଡୁଛି ।ଗତ ସପ୍ତାହରେ ପାକିସ୍ତାନରେ କିଲେ ଅଟାର ଦାମ ୧୨୦ ଟଙ୍କା ଉପରେ ରହିଥିଲା । ଏଥିରେ ପାକିସ୍ତାନ ପୁଣି ଭାରତ ବିରୋଧରେ ଯୁଦ୍ଧ ପ୍ରସ୍ତୁତି ଚଳାଇଥିବା ନେଇ କିଛି ପାକ ଗଣମାଧ୍ୟମ କହିଛନ୍ତି । କିନ୍ତୁ ଖୋଦ ପାକିସ୍ତାନ ଷ୍ଟେଟ ବ୍ୟାଙ୍କ ତାଙ୍କ ସରକାରଙ୍କୁ କହିଛି, ଯୁଧାସ୍ତ୍ର କିଣିବା ଛାଡି ନିଜ ଲୋକଙ୍କୁ ଦୁଇବେଳା ଖାଦ୍ୟ କିଭଳି ମିଳିବ ତାହା ଉପରେ ଗୁରୁତ୍ୱ ଦିଅ । ସମ୍ପ୍ରତି ପାକିସ୍ତାନ ଆମେରିକାରେ ଥିବା ନିଜର ଦୂତାବାସ ବିକିବାକୁ ଯାଉଛି । ଡଲାର ଅଭାବରୁ ସେଠାରେ ଅତ୍ୟାବଶ୍ୟକ ସାମଗ୍ରୀ ମଧ୍ୟ କିଣାଯାଇ ପାରୁନାହିଁ । ଏଥିରୁ ଅନୁମାନ ଲଗାନ୍ତୁ, କେଉଁଭଳି ପରିସ୍ଥିତିର ସାମ୍ନା କରୁଛି ପାକିସ୍ତାନ । ଅନ୍ୟପଟେ ଚୀନ ନିଜର ଯୁଦ୍ଧଖୋର ମନୋବୃତ୍ତି ଦେଖାଇବା ଆରମ୍ଭ କରିଛି । ଏଥିସହ ଚୀନ ଚାହେଁ, ସାରା ବିଶ୍ୱରେ ପୁଣି କରୋନା ବ୍ୟାପୁ । ଚୀନରେ ନିକଟରେ ଗୋଟିଏ ଦିନର କରୋନା ସଂକ୍ରମଣ ତିନି କୋଟିରୁ ଅଧିକ ରହିଥିବା ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି । ସଂକ୍ରମଣ ଅତି ଭୟଙ୍କର ଭାବେ ବଢିଚାଲିଥିବା ବେଳେ କରୋନା ସମ୍ପର୍କିତ କୌଣସି ତଥ୍ୟ ପ୍ରଦାନ କରୁନି ଚୀନ । ଚୀନର ଜାତୀୟ ସ୍ୱାସ୍ଥ୍ୟ କମିସନ ଦୈନିକ କରୋନା ତଥ୍ୟ ଦେବା ବନ୍ଦ କରିଦେଇଛି । ତେଣୁ ସାରା ବିଶ୍ୱ ଏଥିପାଇଁ ଚିନ୍ତା ପ୍ରକଟ କରିଛି । ଭାରତ, ଜାପାନ, ଆମେରିକା ଏବଂ ଅନ୍ୟ ରାଷ୍ଟ୍ରମାନେ ଚୀନ ଯାତ୍ରୀଙ୍କ ପାଇଁ କଟକଣା କଡାକଡି କରିଛନ୍ତି । ଚୀନ କରୋନା କଟକଣା ହଟାଇବା ପରେ ସଂକ୍ରମଣ ଅତି ଭୟଙ୍କର ଭାବେ ବଢିଚାଲିଛି । ତଥାପି ମଣିଷକୁ ବଞ୍ଚିବାକୁ ପଡିବ । ନୂତନ ସଂଘର୍ଷ ସହିତ ପରିସ୍ଥିତିର ମୁକାବିଲା କରି ଆଗକୁ ବଢ଼ିବାକୁ ହେବ । ନୂତନ ବର୍ଷର ନୂଆ ସୂର୍ଯ୍ୟୋଦୟ ସମସ୍ତଙ୍କ ଭିତରେ ବଞ୍ଚିବାର ବିଶ୍ୱାସ ଦେଇ ସୁଖ-ସମୃଦ୍ଧି ଆଣିଦେବ ବୋଲି ଆଶା କରିବା ।

ସମ୍ପାଦକୀୟ

ତାରକ ମହାନ୍ତି

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

ସାଂପ୍ରତିକ ଭାରତବର୍ଷରେ ପାରିବାରିକ ବିଶୃଙ୍ଖଳା

ଗଜାନନ ମିଶ୍ର

ସମଗ୍ର ବିଶ୍ୱ ରହିଛି ଭାରତ ବର୍ଷ ଭିତରେ । ଭାରତ ବର୍ଷ ବିଶ୍ୱରେ । ଭାରତ ବର୍ଷର ପ୍ରତିଟି ପରିବାର ଗୋଟିଏ ଗୋଟିଏ ବିଶ୍ୱ ଆଉ ଏଠାକାର ମୂଳମନ୍ତ୍ର ହେଉଛି ସତ୍ୟ, ଶାନ୍ତି, ସହନଶୀଳତା, ଦୟା ଓ କ୍ଷମା । ବ୍ୟକ୍ତିରୁ ପରିବାର ଆଉ ପରିବାରରୁ ସମାଜ, ସମାଜରୁ ସମଗ୍ର ବିଶ୍ୱ । ବିଶ୍ୱର ଶାନ୍ତି ସହାବସ୍ଥାନ ପାଇଁ ସତ୍ୟସିଦ୍ଧ ବ୍ୟକ୍ତିର ଆବଶ୍ୟକତା ରହିଛି । ଦୁଃଖର ସହିତ କହିଫାକୁ ପଡୁଛି, ଏ ଯାଏ ଭଲ ବ୍ୟକ୍ତିଟିଏ ସମାଜକୁ ଦେବାରେ ପରିବାର ଅବହେଳା କରି ଆସୁଛି । ଏଥିପାଇଁ ପରିବାରର ଦୁଇଟି ଚକ ପାଖରେ କୋଉଠି ନା କୋଉଠି କିଛି ଗଡବଡ ରହିଛି ବୋଲି ବୁଝିବାକୁ ହେବ । ଏ ଦୁଇଟି ଚକ ହେଉଛନ୍ତି ପତି ଆଉ ପତ୍ନୀ । ପତି-ପତ୍ନୀ ଭିତରେ କିପରି ଭଲ ବୁଝାମଣା ରହିବ ଆଉ ଉଭୟଙ୍କର ଦୃଷ୍ଟିଭଙ୍ଗୀ ବିଶ୍ୱମୁଖୀ ହେବ ଏ ଦିଗରେ ଉପଯୁକ୍ତ ଶିକ୍ଷାର ଅଭାବ ରହିଛି । ଆଇନକାନୁନ ବି ଯାହାସବୁ ରହିଛି ପତି-ପତ୍ନୀ ଭିତରର ନିବିଡ ସଂପର୍କକୁ ତଥା ପାରିବାରିକ ଜୀବନକୁ ସରସ ସୁନ୍ଦର କରିବ ଏମିତି ପ୍ରତେ ହେଉ ନାହିଁ । ଖାଲି ଦୋଷ ଆଉ ଦଣ୍ଡ ତାଲିକା ପ୍ରସ୍ତୁତ କରି ବିଚାରପ୍ରଣାଳୀ ଦ୍ୱାରା ଦୋଷଯୁକ୍ତ ବା ଦୋଷମୁକ୍ତ ଘୋଷଣା କରିଦେଲେ, ଜେଲ ଜୋରିମାନା ଦେଇଦେଲେ ଯେ ଆମ ମଣିଷ ସମାଜ ସୁଧୁରିଯିବ ଏମିତି ଭାବନା ବି ସଠିକ୍ ଭାବରେ ଆସୁ ନାହିଁ । ମଣିଷ ମୂଳତଃ ପଶୁ ଓ ସାଧାରଣତଃ ନିମ୍ନମୁଖୀ, କିନ୍ତୁ ଉପଯୁକ୍ତ ଶିକ୍ଷା ଓ ସଂସ୍କାର ମାଧ୍ୟମରେ ମଣିଷକୁ ମଣିଷ ଭାବରେ ଗଢିତୋଳି ଊର୍ଦ୍ଧ୍ୱମୁଖୀ କରାଇ ଜିବନରେ ଥିବା ଅମୃତକୁ ଚଖାଇବାକୁ ହେବ । ଯେହେତୁ ଏ ଜୀବନ ହେଉଛି ଅମୃତମୟ । ପତି-ପତ୍ନୀ ବା ପିତାମାତା ଠାରେ ଏମିତି ଅମୃତ ଭରପୂର ରହିଛି । ଆବାହମାନକାଳରୁ ଏଇ ଭାରତ ବର୍ଷରେ ମୁନିଋଷିଙ୍କ ଗୁରୁକୁଳ ମାଧ୍ୟମରେ ଉପଯୁକ୍ତ ଶିକ୍ଷାପ୍ରଦାନ ପୂର୍ବକ ଏହି କାର୍ଯ୍ୟ କରାଯାଉଥିଲା । କାଳକ୍ରମେ ବିଭିନ୍ନ ବିଦେଶୀମାନଙ୍କ ଆକ୍ରମଣ ହେତୁ ଶିକ୍ଷାର ମାନ କମିବା ଆରମ୍ଭ ହେବା ସହିତ ପାଶ୍ଚାତ୍ୟ ଶିକ୍ଷା ପଶିବାକୁ ବେଳ ଲାଗିଲା ନାହିଁ । ପରିବାର ଓ ମଣିଷଗଢା କାରଖାନାରେ କୁପ୍ରଭାବ ପଡିଲା । ପତିଧର୍ମ ପତ୍ନୀଧର୍ମ ଗୁରୁଧର୍ମରେ ବାଧା ସୃଷ୍ଟି ହେଲା । ସଜା ଭାରତୀୟଟିଏ ଗଢିବା ଆଉ ସହଜ ହେଲା ନାହିଁ । ଏଇଟା ହେଉଛି ଏବର ଭାରତବର୍ଷରେ ପାରିବାରିକ ବିଶୃଙ୍ଖଳାର ମୁଖ୍ୟ କାରଣ ।

ବିଦେଶୀ ଶାସନପରେ ପ୍ରସ୍ତୁତ ହୋଉଥିବା ଭାରତର ସମ୍ବିଧାନରୁ, ଯଦିଓ 'ଆମ୍ଭେ ଭାରତର ଲୋକେ' ଶବ୍ଦରୁ ଆରମ୍ଭ ହୋଇଛି ତଥାପି ଭାରତର ଲୋକେ ଏ ଯାଏ କୌଣସି ସୁଫଳ ପାଇ ପାରି ନାହାନ୍ତି । ହୁଏତ, କାରଣ ଏୟା ହୋଇପାରେ ଯେ ଭାରତୀୟ ସମ୍ବିଧାନଟି ଉଧାର ବା ନକଲ କରାହୋଇଥିବା ବିଷୟବସ୍ତୁରେ ଭରପୂର ହୋଇ ପଡିଛି । ଆପଣା ମାଟିର ସଂସ୍କୃତି ପରଂପରା ବେଦପୁରାଣାଦିର ମହକ ଯେତେ ରହିବା କଥା ଏଥିରେ ରହି ପାରି ନାହିଁ । ରହିଛି ପାଶ୍ଚାତ୍ୟ ଦେଶର ଅନେକ କିଛି । ଆଉ ଏହାର କୁପ୍ରଭାବ ଘରେ ଘରେ ଆମେ ଭୋଗ କରୁଛେ । ଘର କହିଲେ ସ୍ନେହ ପ୍ରେମ ପ୍ରୀତିର ଗନ୍ତାଘର ତାହା ନାହିଁ । ବସ୍ତୁବାଦୀ ଦୁନିଆଁ ଆମକୁ ଗ୍ରାସ କରିଛି । ଈର୍ଷା ଘୃଣା ଅସୂୟା ଓ ବୃଥା ପ୍ରତିଯୋଗିତା ସଭିଙ୍କ ଭିତରେ । ସ୍ୱାମୀ-ସ୍ତ୍ରୀ ସଂପର୍କରେ ସନ୍ଦେହ ଅବିଶ୍ୱାସ ଠକାମି ବଢି ଚାଲିଛି । ୟୁଜ ଏଣ୍ଡ ଥ୍ରୋ ସର୍ବତ୍ର । ଆବେଗହୀନ ସମାଜ । ସରଳ ନିଷ୍କପଟ ତଥା ପ୍ରେମମୟ ଜୀବନ ଯିଏ ବିତାଇବାକୁ ଚାହୁଁଛି ପ୍ରତିମୁହୂର୍ତ ତିଳ ତିଳ ହୋଇ କଷ୍ଟ ପାଉଛି ଆଉ ମରୁଛି । ମଣିଷଟିଏ ଜାତି ଧର୍ମ ନାମରେ କେତେ ଯେ ବିଭକ୍ତ ଠିକ୍ ଠିକଣା ନାହିଁ । ଆଉ ଏହାର ପ୍ରଭାବରେ ପରିବାର ନଷ୍ଟ ହୋଇ ଚାଲିଛି । ତଦାରଖ କରିବାକୁ କାହାଠି ଫୁରସତ ନାହିଁ । ଏଇଟା ଉପଯୁକ୍ତ ଶିକ୍ଷାର ଅଭାବ ଯୋଗୁଁ ନିଶ୍ଚୟ । କେବଳ ଚାକର ସୃଷ୍ଟି କରିବାକୁ ଇଂଲଣ୍ଡ ସରକାର ଯୋଉ ଶିକ୍ଷା ପ୍ରଣାଳୀ ଆରମ୍ଭ କରିଥିଲେ ତାହା ଆମେ ବଦଳେଇ ପାରିଲେ ନାହିଁ ଆପଣା ଆପଣା ପଦପଦବୀ ମୋହରେ ହେଉ କି ନୀଚ ସ୍ୱାର୍ଥ ସାଧନ ଯୋଗୁଁ ହେଉ । ଆଜକ ଖାଇପିଇ ଶୋଇଗଲେ ଜୀବନ ସାର୍ଥକ ହେଲା ବୋଲି ଆମେ ବିଚାର କରୁଛେ । ଏମିତି ଭାରତ ବର୍ଷର ସ୍ୱପ୍ନ ଆମେ ଦେଖିଥିଲେ କି ? ଯୋଉ ତ୍ୟାଗ ଯୋଉ ବଂଚିବାଶୈଳୀ ରାମାୟଣ ଯୁଗରେ ଥିଲା ତାହା କାହିଁ ! ଅଧିକନ୍ତୁ ଅଦାଲତରେ ପାରିବାରିକ ମାମଲା ବଢି ବଢି ଚାଲିଛି ଭାରତୀୟ ପରିଚୟ ଭାରତର ଶକ୍ତି ହଜି ହଜି ଯାଉଛି । ପ୍ରାକୃତିକ ପ୍ରକ୍ରିୟାରେ ଆତ୍ମଚେତନା ଜାଗ୍ରତ ହୋଇ ପାରୁ ନି । ଆଗାମୀପିଢି ଆଉ କୋଉ ସୁଫଳ ପାଇବେ ? ଅଶିକ୍ଷା ଭିତରେ ମିଆଁବିବି, କଣ କରିବେ କାଜି !

ଭାରତୀୟ ପରିବାର ଆଉ ସମାଜ ଏମିତି ଦୃଢ ଥିଲା ଯେ ବିଦେଶୀଙ୍କ ଆଖିରେ ବି ଜଳକା ପଶୁଥିଲା । ଜଳ ଅନ୍ନ ସୁବଚନରେ ପବିତ୍ର ଓ ସମୃଦ୍ଧ ଥିଲା ସବୁକିଛି । ଏହା ହୋଇ ପାରୁଥିଲା ଉପଯୁକ୍ତ ଶିକ୍ଷା ଓ ଯୁଗ୍ମ ପରିବାରର ଅବଦାନ ଯୋଗୁଁ । ଶକ୍ତ ଓ ସମର୍ଥ ଥିଲେ ସମସ୍ତେ । ଥରେ ବାହା ହେଲାପରେ ସ୍ୱାମୀ ସ୍ତ୍ରୀ ଜଣେ ଆରଜଣକ ପାଖରେ ପ୍ରତିଶ୍ରୁତିବଦ୍ଧ ଥିଲେ । ନଳରାଜା, ଦାନବୀର ହରିଶ୍ଚନ୍ଦ୍ରଙ୍କ ଉଦାହରଣ ପରି ଆହୁରି ଅନେକ ଆମ ପାଖରେ ଆମକୁ ନୂତନ ଆଲୁଅ ଦେଉଛି । କିନ୍ତୁ ଆଜିକାଲି ସ୍ତ୍ରୀ ସ୍ୱାଧୀନତା ନାମରେ ଭ୍ରଷ୍ଟାଚାର ଆଉ ଅରାଜକତା ବୃଦ୍ଧି ପାଉଛି । ଟଙ୍କା ମୁହଁକୁ ବଙ୍କା କରିଦେଉଛି । ପତି ପତ୍ନୀ ସଂପର୍କ ଟଙ୍କା ନ ଥିଲେ ତୁଟି ଯାଉଛି । ଟଙ୍କା ପାଇଁ ସ୍ୱାମୀ ଥାଇ ବି ସ୍ତ୍ରୀ ଜୀବନ ଉପଭୋଗ କରୁଛି ଅନ୍ୟ ପୁରୁଷ ସହିତ । ସବୁଠୁ ଆଶ୍ଚର୍ଯ୍ୟ କଥା, ସ୍ୱୟଂ ଅଦାଲତ ମତାମତ ଦେଉଛନ୍ତି ଯେ ଆପଣା ପୁରୁଷ ଥାଇ ବି ସ୍ତ୍ରୀ ଅନ୍ୟ ପୁରୁଷ ସହିତ ଦୈହିକ ସଂପର୍କ ରଖିବାରେ ଦୋଷ ନାହିଁ ! ଏହା ହିଁ ତ ପାଶ୍ଚାତ୍ୟ ପ୍ରଭାବ । ଭାରତୀୟ ସ୍ନେହ ଶ୍ରଦ୍ଧା ପ୍ରେମ ତ୍ୟାଗ ସବୁ ସବୁ କୁଆଡେ ଗଲା ? ପରିବାର ଆଉ ପରିବାର ହୋଇ କେମିତି ରହିବ ? ଏମିତି ଶିକ୍ଷା ଚାଲିଛି ଏ ମାଟିରେ ! ତୁ ବିଏ ମୁଁ ବିଏ ଛୁଆ ଧରିବ କିଏ ? ଆଗାମୀପିଢିର କଣ ହେବ ? ଏଇଟା ସତ୍ୟ ଯେ ଆମର ତିନି ସଂସ୍ଥା ନିରୁପାୟ, ଖାସ୍ କିଛି କରି ପାରୁ ନାହାନ୍ତି ଜନଗଣଙ୍କ ପାଇଁ । ଆତୁର ହୋଇ, କୁଭାବନା ପୋଷଣକରି କାର୍ଯ୍ୟ କରିଗଲେ ସମାଜର ଅବସ୍ଥା ନଷ୍ଟ ଆଡକୁ ଯିବ ଇ ଯିବ । ଉଚ୍ଚ ହେବାକୁ ଆମେ ସଦା ତତ୍ପର, କଣ ସେ ଉଚ୍ଚ, ସେ ଉଚ୍ଚତାର ମୂଲ୍ୟ କଣ ନ ଜାଣି ଜୀବନକୁ ଆମେ ଦୁର୍ବିସହ କରି ପକାଉଛେ । ସୁତରାଂ ମାନବବିରୋଧୀ ଷଡଯନ୍ତ୍ରକୁ ଅନ୍ତ କରିବାକୁ ହେବ ଶିକ୍ଷାର ମୂଳରୁ । ସ୍ନେହ ଆଦର ସହନଶୀଳତାର ପୁଟ ଦେଇ ପରିବାରକୁ ପହିଲେ ସଜାଡିବାକୁ ହେବ । ଆତ୍ମବିଶ୍ୱାସ ବଳରେ ସମାଜକୁ ବାହ୍ୟ ପ୍ରଭାବରୁ ମୁକ୍ତ କରିବାକୁ ହେବ । ସମଗ୍ର ବିଶ୍ୱରେ ଭାରତୀୟ ମାଟିରେ ଥିବା ନୂତନ ସ୍ୱପ୍ନକୁ ଶାନ୍ତି ସହାବସ୍ଥାନ ମାଧ୍ୟମରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ରଚିବାକୁ ହେବ । ଏଇଟା ଇ ଉପଯୁକ୍ତ ବେଳ । ସବୁ ଆସୁରିକ ପ୍ରବୃତ୍ତିକୁ ଫିଙ୍ଗି ଫୋପାଡି ନଷ୍ଟକରି ମଧ୍ୟମୟ ପାରିବାରିକ ଶୃଙ୍ଖଳାକୁ ଫେରେଇ ଆଣିବାକୁ ହେବ ।

ତପୋବନ, ଟିଟିଲାଗଡ

୨୦୨୨ : ଆଇନ ଅଦାଲତର ଘଟଣାନାମା

ଲୋକଙ୍କ ନିକଟତର ହେଉଛନ୍ତି ହାଇକୋର୍ଟ

ସୌରଚନ୍ଦ୍ର ମହାପାତ୍ର

ସାଧାରଣ ଲୋକଙ୍କ ପାଇଁ ଥିଲା ଅପହଞ୍ଚ, ଅଭେଦ୍ୟ । ଦଣ୍ଡବିଧିର ଭୟ ରହିଥିଲା ମନରେ । ବିଚାର ପ୍ରକ୍ରିୟା ଥିଲା ଲୋକଙ୍କ ପାଇଁ ଦୁର୍ବୋଧ ଓ ଅଜ୍ଞାତ । ଏବେ ସବୁ କିଛି ମୁକ୍ତ ଓ ସହଜ ହେବାରେ ଲାଗିଛି । ନାଲିକୋଠା ଭୟ, ଆଶଙ୍କା କି ଉଦବେଗର ଜାଗା ନୁହେଁ ଏଭଳି ବିଶ୍ୱାସ ତିଆରି ହେଉଛି ସାଧାରଣ ଲୋକଙ୍କ ମନରେ । କଟକଣାର କବାଟ ନିଜ ଆଡୁ ଖୋଲି ଦେଇଛନ୍ତି ଓଡ଼ିଶା ହାଇକୋର୍ଟ । ନ୍ୟାୟିକ ବ୍ୟବସ୍ଥାକୁ ସହଜ, ସରଳ ଓ ସଂପ୍ରସାରିତ କରାଯାଉଛି ସବୁଠାରୁ ଦୁର୍ବଳ ଲୋକଟି ପାଖରେ ପହଞ୍ଚିବା ପାଇଁ । ପିଲ

ଧାରାବାହିକ ଉପନ୍ୟାସ

ବିଧୁମଞ୍ଜୁଳ ରାତି ଓ ନୀଳପରୀ

ଡ. ମୌସୁମୀ ପରିଡା

ଭାଗ-୪୦

(ପୂର୍ବପ୍ରକାଶ ଉତ୍ତାରୁ)

ଅନିମେଶଙ୍କୁ ତା ସହିତ ଦିଲ୍ଲୀ ହିଁ ଯିବାକୁ ପଡିବ। ସେ ସେହିଠାରେ ହିଁ ସେଟଲ୍ ହେବେ। ଅନ୍ୟସଦ୍ୟ ବିବାହିତା ସ୍ତ୍ରୀଲୋକମାନଙ୍କ ଭଳି ଏତିକି ଟିକିଏ ଖୁସିରେ ସୁଖୀ ହେବା ମଣିଷ ଅନ୍ତତଃ ମନିଷା ଓବେରୟ ନୁହେଁ। ସେ ଚାହେଁ ସମସ୍ତସୁଖର ପ୍ରାଚୁର୍ଯ୍ୟ। ଅର୍ଥଠାରୁ ଆରମ୍ଭ କରି ସ୍ନେହ ପ୍ରେମ, ଅନ୍ତହୀନ ଆଶା ଆକାଂକ୍ଷା, ସ୍ୱାଧୀନତା..ସବୁକିଛିର ପ୍ରାଚୁର୍ଯ୍ୟ! କୌଣସି ଅଭାବ ସହିତ ସାଲିସ୍ କରିବା ସେ ଶିଖିନାହିଁ। ଆହତ ନାଗୁଣୀ ପରି ଫୁତ୍କାର କରୁଛି ସେ! ଅନିମେଶ୍ ତାକୁ ବୁଝାଇ ବୁଝାଇ କ୍ଳାନ୍ତ! ଘରସାରା ଅସହ୍ୟ ନୀରବତାର ରାଜୁତି। ଦ୍ୱନ୍ଦ୍ୱ ଓ ଅଶାନ୍ତିର ଅବସାନ ଘଟିନାହିଁ।

ସେ ସମସ୍ତଙ୍କୁ ଅଗ୍ରାହ୍ୟକରି ଦିଲ୍ଲୀ ଚାଲିଯାଇଛନ୍ତି। ସାନବାବୁ ସ୍ତବ୍ଧ, ବଡମାଲିକ ଓ ମାଲିକାଣୀ ବ୍ୟଥିତ। ଘରସାରା ଅଶାନ୍ତ ବାତାବରଣ..! ସାନବାବୁ ଆଜିକାଲି ବେଶ୍ ନୀରବ। ଝାଉଁଳି ପଡିଛନ୍ତି ପ୍ରଚଣ୍ଡଖରାରେ ସିଝିଯାଇ ଥିବା ତୁଳସୀ ଗଛଟିଏ ପରି। ସକାଳର ଗୋଲାପ ଫୁଲଟି ଦିନ ଦି' ପହରର ଡହଡହ ଖରାଟାରେ ନରମି ଯାଇଥିବା ପରି ସେ ଶୁଖିଯାଇଛନ୍ତି ଜୀବନର ଉତ୍ତାପରେ। ସେ ମିଶି ଯାଇଛନ୍ତି ତାଙ୍କ ଦୁଃଖରେ, ଲୁହର ଉଷ୍ଣ ପ୍ରସବଣରେ। ସମସ୍ତ ପ୍ରଶ୍ନର ଉତ୍ତର ଖୋଜୁଥିବେ ହୁଏତ। ଏମିତି କାହିଁକି ହେଲା? କି ଭୁଲ୍ ରହିଯାଇଥିଲା ତାଙ୍କ ନିଷ୍ପତ୍ତିରେ। ସେ କଣ ମନିଷାକୁ ଚିହ୍ନିବା ଭୁଲ୍ କରିଦେଲେ ନା ସେ ନିଜେ ଭୁଲ୍ ମଣିଷଟିଏ ପାଲଟିଗଲେ?

ମଣିଷମାନେ କାହିଁକି ନିଜର ପ୍ରକୃତି ଓ ପ୍ରବୃତ୍ତିକୁ ବଦଳାଇ ପାରନ୍ତିନି ଯାହା ନିଜର କେହି ଜଣକୁ ଆଘାତ ଦିଏ? ଅନ୍ୟର ଧୈର୍ଯ୍ୟକୁ ପରାହତ କରେ। ନିଜର ପ୍ରବୃତ୍ତିକୁ ନବଦଳାଇ ସବୁବେଳେ ଅନ୍ୟକୁ ମାର୍ଜିତ କରିବାକୁ ଚାହୁଁଥିବା ମଣିଷଟିକୁ କଣ କୁହାଯିବ? ଚରମ ସ୍ୱାର୍ଥପର ନା ସୁବିଧାବାଦୀ..? ତଥାପି ସାନବାବୁ ଭାବନ୍ତି ଅନ୍ୟକୁ ଆଘାତ ନହେଲା ଭଳି ନିଜର ଚିନ୍ତାଧାରାକୁ ସାମାନ୍ୟ ପରିମାଣରେ ବିବର୍ତ୍ତିତ କରିବା ଦରକାର। ସେଥିରେ ଯଦି କେହି ଆପଣାର ଲୋକଟିଏ ସୁଖପାଏ, ତେବେ ଅସୁବିଧା କଣ! ସେ ଆନନ୍ଦ କଣ ସଂକ୍ରମିତ କରିଯିବନି ବଦଳି ଯାଇଥିବା ମଣିଷଟିର ହୃଦୟକୁ? ଏମିତି ଅନେକ ପ୍ରଶ୍ନ ତାଙ୍କ ମନତଳେ। ହେଲେ ତାର ଉତ୍ତର ନାହିଁ ତାଙ୍କ ପାଖରେ।

ସେ ନିଜେ ବି ତ ବଦଳାଇଥିଲେ ନିଜକୁ। ମନିଷାର ଅତ୍ୟାଧୁନିକତା ଆଗରେ ସେ ନିଜମଥା ନୁଆଁଇ ଦେଇଥିଲେ। "ଦେହି ପଦପଲ୍ଲବ ମୁଦାରମ୍"ଭଳି। ତଥାପି ସେ ସୁଖୀ ନୁହେଁ। କାହାରିକୁ କିଛି ନ ଦେଇ ସେ କେବଳ ହାସଲ କରିବାକୁ ଚାହେଁ। ଅନ୍ୟର ତ୍ୟାଗରେ ସେ ନିଜ ହର୍ଷଉଲ୍ଲାସର ଆତସବାଜି ଖେଳେ। ଅହରହ କେବଳ ନିଜ କଥା ଭାବେ। ପୁଣି କିଛି ନୂଆ ଜିନିଷ ପାଇବା ପାଇଁ ବ୍ୟାକୁଳିତା ହୁଏ। କେବେ ବି ଅନ୍ୟର ସୁଖ ସୁବିଧା ବୁଝେନାହିଁ। ଜାଣିବାକୁ ଚେଷ୍ଟା କରେନାହିଁ କିଏ କେଉଁ ଦୁଃଖସହ ଜୀଉଁଛି? ଅନ୍ୟର ଭାବନା କଣ ତା ପାଇଁ? ସେ ଏତେ ସ୍ୱାର୍ଥପର ଯେ ସେସବୁ ଜାଣି ମଧ୍ୟ ଖୁସିରେ ହଜିବାକୁ ଓ ମଜିବାକୁ ଇଚ୍ଛାକରେ।

ସାନ ମାଲିକାଣୀଙ୍କ ବାପ ମାଆ ବି ଆଜିକାଲି ଦିଲ୍ଲୀରେ..। ଓଡିଶାରୁ ସବୁଦିନ ପାଇଁ ଚାଲିଯାଇ ସେ ସେଇଠି ରହୁଛନ୍ତି ନିଜ ଭାଇ ସହିତ। ଏ ମାଟି, ପାଣି ଓ ପବନଠାରୁ ମୋହ ମମତା ତୁଟାଇ ସେମାନେ ଚାଲିଯାଇଛନ୍ତି ଆଉ କେଉଁ ପ୍ରାପ୍ତି ଖୋଜିବାକୁ! ଆଉ କେଉଁ ସଫଳତାର ସୌଧ ଗଢିବାକୁ! ସେଠାରେ ମିଶି ଦୁଇଭାଇ ସେମାନଙ୍କ ପୁରୁଣା ବ୍ୟବସାୟ ବଢାଇବେ। ଓଡିଶାରେ ଥିବା ବିଜିନେସ୍‌କୁ ସେମାନେ ଅନ୍ୟକୁ ବିକ୍ରୟ କରି ଦେଇଛନ୍ତି ସାନବାବୁଙ୍କ ଅଜାଣତରେ। ସେମାନେ ସମସ୍ତେ ମିଳିମିଶି ସାନବାବୁଙ୍କୁ ଦିଲ୍ଲୀ ନେଇଯିବାକୁ ଚକ୍ରାନ୍ତ କରି ତାଙ୍କୁ ସେଠାକୁ ଡକାଇଛନ୍ତି। ହେଲେ ସେ ଯିବାକୁ ନାରାଜ୍।

ସାନ ମାଲିକାଣୀଙ୍କ ଡାକରାପାଇ ସାନବାବୁ କେବେ କେମିତି ଦିଲ୍ଲୀ ଯାଇ କିଛି ଦିନ ରହି ପୁଣି ଫେରିଆସନ୍ତି। ହେଲେ ପୂର୍ବ ଭଳି ମନରେ ସତେଜତା ନାହିଁ କି ରୋମାଂଚ ନାହିଁ। ଅବେଳ ଓ ଅତୃପ୍ତିରେ ସେ ଭାଙ୍ଗିଯାଇଛନ୍ତି ଯେମିତି! ଅଦିନିଆଁ ଝଡ ତୋଫାନରେ ଆକାଶିଆ ଗଛଟେ ପରି..ଯେପରି ଭୂଲୁଣ୍ଠିତ! କିଛିବର୍ଷ ବିତିଗଲାଣି। ଏତେ ସଂପତ୍ତି ଥାଇ ବି ଆଜି ସାନବାବୁ ଏକାକୀ!

ସାନବାବୁଙ୍କ ଜାଆଁଳା ପିଲା ଦିଓଟି ଜନ୍ମ ହୋଇଛନ୍ତି ଦିଲ୍ଲୀରେ। ଘରେ ସମସ୍ତେ ଯେତିକି ଖୁସି ସେତିକି ଦୁଃଖୀ ମଧ୍ୟ। କାରଣ ପିଲା ଦୁଇଟିଙ୍କ ଏକୋଇଶାଠାରୁ ଆରମ୍ଭ କରି ସ୍ୱନକ୍ଷତ୍ର ପର୍ଯ୍ୟନ୍ତ ସବୁକିଛି ସେଇ ଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇ ସାରିଛି। ସେଥିପାଇଁ ମାଲିକ ଓ ମାଲିକାଣୀଙ୍କ ମନ ଅଶାନ୍ତି।

(କ୍ରମଶଃ)

କବିତାର ଆସର

ମିଛ ରାସ୍ତା

ପ୍ରଦୀପ ବନ୍ଧ

ବର୍ଷଯାକ ଭୟ
ଅଧାଗଢା ରାତି
ସିଗାରେଟ ଧୂଆଁରେ
ଅଣନିଃଶ୍ୱାସୀ ହୋଇ
ଦଉଡୁଥାଏ ସମୟ
ସହର ସାରା ହିସାବ ଖାତାରେ
ତାରିଖର ନାଲିଗାର
ମାସ ଶେଷର କଡା ଗଣ୍ଡା ହିସାବ କରି
ଅଦେୟ ଆଶାରେ ନିଦ ନାହିଁ
କଡ଼ ବୁଲେଇ ନିଃଶ୍ୱାସ ଗଣୁଛି ସାହୁକାର
ତଥାପି ଅତୀତର ସ୍ମୃତି ସବୁ
ତାଜା ତାଜା ସକାଳ
ଗୋଟେ ଦରଶୁଣା ଗୀତକୁ ଚଉତି
ବାଛିନିଏ ମଣିଷ ନିଜବାଟ
ସ୍ୱାଗତ କରିବା ଆଶାରେ ପିଉଥାଏ
ଜାଣି ଜାଣି ସାପର ବିଷାକ୍ତ ଗରଳ
ସବୁଦିନ ପରି ଆଜିବି ଦାଣ୍ଡ ପିଣ୍ଡାରେ
ଝୋଟି ପରି ବିଛେଇ ହେଇଛି ଖରା
ପ୍ରକୃତି ରାଣୀ ଆଖିରେ ଲୁହ
ଲୁହ ଲହୁରେ ଓଠ ଚିପି
କାନ୍ଦୁଛି ବସୁନ୍ଧରା
ମଣିଷ ମାନସିକତାକୁ
ସେପଟେପିନିରେ ସିଲେଇ କରି
ଚପଲ କରି ବାଟ ଚାଲେ
ଭବିଷ୍ୟତର କାନ୍ଥକୁ ଖରାରେ ଶୁଖାଏ
ରୋଗ ଭୋଗ ଭାଗ୍ୟକୁ ଆଦରି
ଚାଳ କଣାରେ ରାତି ତମାମ
ଗଣୁଥାଏ ଟିକି ଟିକି ତାରା
ତଥାପି ସ୍ୱଭାବ ବଦଳେନି
ଦିନ ବାର ସମୟ ବଦଳେ।
ଦୁଃଖୀ ମୁଣାରେ ଜର ଜର ଦୁଃଖ
ଆଃ ପଦେ କହିବାକୁ କେହିତ ନାହିଁ
ପଖାଳ ବେଳାରେ ଲୁହ ତୋରାଣି
ଏଠି ତାରିଖକୁ ନେଇ
କ୍ୟାଲେଣ୍ଡରର ମିଛ ପ୍ରହସନ
ଯେଉଁ କ୍ୟାଲେଣ୍ଡରକୁ ନେଇ
ଆମେ ଜୀଉଁଞ୍ଚେ ଜୀବନ
ଜୀବନ ମିଛ ନିଃଶ୍ୱାସ ମିଛ
ବିଶ୍ୱାସ ମିଛ ସମ୍ପର୍କ ବି ମିଛ
ଢାଙ୍କି ହେଇଥିବା ଶରୀ
ଖଣ୍ଡେ ଉଲ ଚାଦର ଠାରୁ ଆହୁରି ସସ୍ତା
ଏଠି ସବୁ ସୁବ୍ୟବସ୍ଥା ଭିତରେ
ମିଛ ପାଣିଆର ଗୋଟେ ଗୋଟେ କୁବ୍ୟବସ୍ଥା
ଜୀଇଁବାର ମିଛ ରାସ୍ତା।।।

ସାନମଛୁଆଘାଇ, ରାଜଘରପୋଖରୀ
ବାସୁଦେବପୁର, ଭଦ୍ରକ,
ଆଳାପ:-୮୦୭୨୨୭୮୩୨୨୦

ଜୀବନ ଦାସ

ସ୍ମୃତି ରଞ୍ଜନ ତ୍ରିପାଠୀ

ଏଇ ସାଥେ ସାଥେ ଉତରା ସରିଛି ତ୍ୱରଣ
ଉଚ୍ଚ କପାଳିଆ ମଥାରୁ
ସମର୍ପଣ କରିଛି ସିନ୍ଦୂରିଆ ଅଭିମାନ
ଲୋଟି ପଡିଥିବା ଅଣନିଃଶ୍ୱାସୀ
ସବୁଜ ସତେଜ ଭୁଇଁରେ,
ଲିଭି ଯାଇଛି ଧର୍ଯ୍ୟର ଦୀପ
ପ୍ରତାରଣାର ଶୁନ୍ୟ ମନ୍ଦିରରେ
ଶ୍ମଶାନ ମୁହାଁ ହୋଇଛି ଲୁହ ସ୍ୱାରୀ
ମେଳି ହୋଇଛନ୍ତି ପ୍ରେମ, ବିରହ, ଯନ୍ତ୍ରଣା
ଜୀବନ ଦାସ ର ଶେଷ ଯାତ୍ରାରେ।
କିଛି ସମୟ ପରେ ଦାହ ହେବେ
ଅଭାବୀ ଯୁଦ୍ଧର ଝାଳ
ବିଡିଟଣା ଓଠରେ
ମୁରୁକି ହସର ରହସ୍ୟ
ଦାହ ହେବେ ମାଟି କାନ୍ଥରେ
ଲିପାସରିଥିବା ସ୍ୱପ୍ନ
ସରି ସରି ଆସୁଥିବ ଅବଶୋସର ଜୁଇ
ଘୁଞ୍ଚି ଘୁଞ୍ଚି ଯାଉଥିବ ଭାଗ୍ୟ
ଭଙ୍ଗା କୁଡିଆର
ଜୀବନ ଦାସର ଶେଷ ସନ୍ତକର।
ସାନ୍ତ୍ୱନାର ସୁଅରେ ଖିଅ ଧରୁଥିବ
ମଲା ନଈର ଶୁଖିଲା ଡଙ୍ଗା
କୋହର ଚିରା କାଗଜ ସବୁ
ଯୋଡ଼ା ହେଉଥିବେ
ଆଉ ଗୋଟେ କାହାଣୀର
ପୃଷ୍ଠା ହେବା ପାଇଁ,
ଖଣ୍ଡି ଉଡା ଶାବକ ଆକାଶ ମୁହାଁ ହେବେ
ନିଜ ନିଜ କୌଶଳରେ,
ନୀଡରେ ନିଦ ପରଷୁଥିବ
ଧଳା ଚାଦରର ବିଛଣା
ଅଦୃଶ୍ୟ ପରଶରେ ଲୁହ ସଙ୍ଗଳୁଥିବ
ଗୋଟେ ଅଭିମାନର ରାତି
ନିତି କାତି ଛାଡୁଥିବ
ଜୀବନ ଦାସର ଅକୁହା ମଧୁଗୀତି।

ଜଟଣୀ, ଖୋର୍ଦ୍ଧା
ଦୂରଭାଷ : ୯୪୩୮୩୧୫୩୮୧

ମନ୍ କାଣା ଛୁଆ ଟେ କାଏଁ ଯେ ଚକ୍ଲେଟ୍ ଦେଇ ଭୁର୍ତାତି!

ଅରିଷ୍ଟା ଆଚାର୍ଯ୍ୟ

ମନ୍ ତ ମନ୍ ଆଏ ହଁ ମନର୍ ନାଇଁନ ଆଏଡ୍
ଦିନେ ତ ବକର୍ ବକର୍ ଚୁପ୍ପାପ୍ ହେସି ରାଏଡ୍
ଭାବେ ଭାବେ ଭାବ୍ନା ରସେ କେତେ ପର୍କାର୍ ରକମ୍
ଛଟ୍ ଛଟ୍ ଛଟ୍ପଟେଇ ଛନ୍ଦେଇ ଦେସି ଭରମ୍
ବିଡ୍ ବିଡ୍ ବିଡ୍ ବିଡେଇ ସମିଆ ଯଉଛେ ବିତି
ମନ୍ କାଣା ଛୁଆ ଟେ କାଏଁ ଯେ ଚକ୍ଲେଟ୍ ଦେଇ ଭୁର୍ତାତି।
ମଡନ୍ ଯୁଗର୍ ଚାଖି ଚାହାନି କେ ମୁହେଁ ସର୍ସର୍ ପାଉଡର୍
ଏକ୍ଟି ପରେ ଭି ମନ୍ ନେ ବୁଝ୍ଲେ ଗୁରା କର୍ସି ଫିଲ୍ମର୍
ସୁଆଁଲି ଦେଖତ ଦୁହି ଗାଲ୍ କେ ମୁହୁଁ ନେଇ ଯିବା କେଁ ଉତ୍ରି
ନୁନିଆଁ ପାନିର୍ ତିମି କେ ଦେଖି ସୁଦୁବୁଦୁ ତୁତାର୍ କୁତ୍ରି
ଧୁମ୍ ମ ଚାଲେ ଫୁନ୍ କେ ଫିକି ପର୍ଦା ଛିଆଁ କେଁ ପାଏଟିଁ
ମନ୍ କାଣା ଛୁଆ ଟେ କାଏଁ ଯେ ଚକ୍ଲେଟ୍ ଦେଇ ଭୁର୍ତାତି।
ଉଇଲ୍ ଭଜା ଥିଁ ଶୁଖା ମୁହିଁ ଆର୍ ପଏଁନା ଦିଆ ବାସିଖୁରି
ଛାଏଁ ଖରାନୁ ଚକ୍ଲେଇ ଖେଁ ଲାଲ୍ ରସ୍ ଗୁଲା ଶୁଖାଝୁରି
ହାଥେ ଚିଟ୍ଟି ନୁନ୍ ମିର୍ଚା ଆନ୍ଟୁଟ୍ ଚାଟ୍ ବାର୍ ମଜା
ତମେ ତ ଭେଇ ଟାଉନିଆ ଲୋକ୍ ଖଉଥ ବର୍ଗର୍ ପିଜା
ଆଏର୍ ତରେ ବାସି ପଖାଲ୍ ଖିଆ ମୋର୍ ପଏସା ଦେଇ କେଁ ଖାଏଟି
ମନ୍ କାଣା ଛୁଆ ଟେ କାଏଁ ଯେ ଚକ୍ଲେଟ୍ ଦେଇ ଭୁର୍ତାତି।
ଛାଏନ୍ ଘରେ ମୋର୍ ଶୁଖର୍ ଝୁମ୍ରା ଆସ୍ନା ଥି ମୁଇଁ ଶୁଇସି
ଦର୍କାର୍ ନେଇ ହେଲୋଜେନ୍ ବଲ୍ ଜନ୍ମ ଉକିଆ ତ ପାଏସି
ବୁକ୍ ବାକ୍ ବାର୍ ଲାଇଟ ଜଲେ ତମର୍ ସହର୍ ସାରା
ହେଥିଁ ଫେର୍ କେମ୍ ରା ଥେଇ ବଲାକ୍ରାର୍ ଦେଖ ପରା ପରା
ଲାଚେଁ ଲାଚେଁ ବୁତ୍ ବୁଥେଇ ମୁକ୍ ଲେଇ ଦଉଛନ୍ ତୁର୍ତି
ମନ୍ କାଣା ଛୁଆ ଟେ କାଏଁ ଯେ ଚକ୍ଲେଟ୍ ଦେଇ ଭୁର୍ତାତି।
ଚିକ୍ ମିକ୍ କାକର୍ ବୁନ୍ଦା କେ ପଦମ୍ ଫୁଲିଆ ବନ୍ଧ୍
ସୁରୁଯର୍ କିର୍ ନେ ଖଟ୍ ଛାଡ୍ ଦେବୁ ଶକତ୍ ହେଉଯିବା ଖନ୍ଧ୍
ନେଇ ବୁଡି କେଭେ ପହଁରା ନେଇ ଜାନି ଦୁଇବୁଡ୍ ମାରି ପାର୍ସି
ହେକ୍ଲି ହେଲେ ତ ପର୍ଛା ଲାଗେ ପାନିର୍ ପାରକ୍ ଭି ପାଏସି
ବିହା ବର୍ ପନେ ହୁଲ୍‌ହୁଲି ଶବଦ୍ ଦୁଲ୍ ଦୁଲି କାହିଁ ଶୁନ୍ ତି
ମନ୍ କାଣା ଛୁଆ ଟେ କାଏଁ ଯେ ଚକ୍ଲେଟ୍ ଦେଇ ଭୁର୍ତାତି।
ତମର୍ ହେଆଡେ ହାତ୍ ଧରାଦରି ଆମର୍ ଆଡେ ଠରାନରା
ମାଆଁ ବୁଆ ତମର୍ ଉସତ୍ ହେସନ୍ ଆମର୍ଟା ବାଆଁଟିସନ୍ ଚରା
ଗୁଟେ ଗଲେ ଗୁଟେ ନମ୍ରେ ଥିସନ୍, ଇନୁ ଉମାକାନ୍ତ ବାରିକ୍‌ର ମହରା
ଜଗ୍ ଜାହାରି ନଂଗ୍-ଲା ହେସ ,ଦେସି ପାଉଚ୍ ଇନ ସାହାରା
ଘରେ କରାବେନ ବିହାଚୁରା ଭେଇ ଭଲ୍ ପେଇ କେଁ ମାଡ୍ ଖାଏଟିଁ
ମନ୍ କାଣା ଛୁଆ ଟେ କାଏଁ ଯେ ଚକ୍ଲେଟ୍ ଦେଇ ଭୁର୍ତାତି।

ବୁରୋମାଲ୍, ବିଜେପୁର, ବରଗଡ

ଆସିଛି ନୂଆ ବରଷ

ଡକ୍ଟର ମନୋରଞ୍ଜନ ବିଷୋୟୀ

ଦିନ ପରେ ମାସ
ଆଉ ମାସରୁ କେତୋଟି ନେଇ
ଏ ବର୍ଷକୁ ପଛରେ ପକାଇ
ଆଗେଇ ଆସିଛୁ ଆମେ
କିନ୍ତୁ ଆମ ସାଥେ
ମୋଟେ କିଛି ନାହିଁ ।
ପୁରୁଣା କ୍ଷତାକ୍ତ ସ୍ମୃତିଟାରୁ ମୁଠେ
ପକେଟର ମଇଳା କନ୍ଦରୁ
ମୁହଁ କାଢ଼ି ନିକୁଟି ହସୁଛି ।
ମଲମରେ ଶୁଖିଯାଏ ନାଲିଆ କ୍ଷତଟା,
ଦାଗଟାକୁ ପଛେ ଛାଡ଼ି ଦେଇ
ରଖିଯାଏ ତା' ସ୍ମୃତିରୁ ମୁଠାଏ ।
ସେପରି ଏ ପୁରୁଣା ବର୍ଷଟା
ମୁଠାରୁ କେବେ ଯେ ଖସିଛି,
ସେସବୁ ମନେ କିଛି ନାହିଁ ।
ଦିନ ଗଡ଼ି ଚାଲିଗଲା ପରେ
ହଠାତ୍ ପଛକୁ ଫେରି
ଏକୁଟିଆ ପାଇ
ମନେ ହେଲା ଏ ବର୍ଷଟା
ଗଲାକି ପଳାଇ ?

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୧୪୧୭୨୨୭

ଗୋଟେ ରାଜା ହେବାକୁ ଯୋଗ୍ୟ କିଏ

ଅମରନାଥ ବାରିକ୍

ଗୋଟେ ଦେଶରେ ଅନ୍ତର୍ଯ୍ୟାମୀ ନାମକ ଜଣେ ମହାବଳୀ, ଜ୍ଞାନୀ ତଥା ପରମ ଦୟାଳୁ ରାଜା ଥିଲେ। ନାମଟି ଯେମିତି କାମଟି ମଧ୍ୟ ସେମିତି। ସେ ଅନ୍ତର୍ଯ୍ୟାମୀ ପରି ସମସ୍ତଙ୍କ ଅନ୍ତରର କଥାକୁ ଜାଣିପାରନ୍ତି, ଉଡ଼ିଗଲା ଚଢ଼େଇର ପେଟ କଥାକୁ ଜାଣିଲା ପରି। ଦାନଧର୍ମ କରିବାରେ ସେ ଢିଲେ ହେଳା କରନ୍ତି ନାହିଁ। ଯଦି କେହି ଜଣେ ଭିକାରୀ ରାଜ ଦରବାରକୁ ଭିକ୍ଷା କରିବାକୁ ଆସି ଥାଆନ୍ତି, ତାହାଲେ ମଣିମା ତାଙ୍କୁ ପାଛୋଟି ନେଇ ତାଙ୍କର ସମସ୍ତ ପ୍ରକାର ଅଭାବ ପୂରଣ କରିଥାନ୍ତି। ସେଥିଲାଗି କେବଳ ରାଜ ଉଆଁସରେ ନୁହେଁ ବରଂ ପୁରା ଦେଶର ପ୍ରଜାମାନେ ତାଙ୍କୁ ଭଲପାଉଥିଲେ। ତାଙ୍କ ରାଣୀଙ୍କର ନାମ ଥିଲା ପୁଷ୍ପବତୀ। ସେ ରୂପରେ ପୁଷ୍ପଠାରୁ ଅତ୍ୟନ୍ତ ସୁନ୍ଦର ଓ କୋମଳ ଥିଲେ। ବାଟରେ ଚାଲିଗଲେ ସତେ ଯେମିତି ତାଙ୍କ ପାଦରୁ ମୁକ୍ତା ଝରିପଡେ। ତାଙ୍କ କଥା ଏତେ ମଧୁର ଏବଂ ନମ୍ର, ଭାଷାରେ କହି ହେବ ନାହିଁ। ଗୋଟିଏ ଚାଉଳରୁ ଗଢା। ଆଧ୍ୟାତ୍ମିକ ଚେତନାରେ ପରିପୂର୍ଣ୍ଣ ତଥା ସର୍ବଗୁଣ ସମ୍ପନ୍ନ ଥିଲେ। ଆଉ ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ ତାଙ୍କ ପାଖରେ ରାଜ ସମ୍ପଦ ଥାଇ ବି ସୁଧା ଟିକେ ହେଲେ ବି ଗର୍ବୀ ଅହଙ୍କାରୀ ନଥିଲେ। ଆଉ ରହିଲା ବାକି କ୍ରୋଧ! କ୍ରୋଧକୁ ସେ ନିଜ ଆୟତ୍ତର ଲଗାମରେ ବାନ୍ଧି ରଖିଥିଲେ। ଯାହା ତାଙ୍କୁ କେବେବି ଭେଦ କରିପାରିନଥିଲା। ହଁ ଏ କଥା ସତ, ରାଜଗାଦିରେ ବସିଥାଇ ମଧ୍ୟ ତାଙ୍କ ସ୍ୱାଭାବ ଅତି ସାଧାରଣ ଥିଲା। ରାଜା ହୋଇ ମଧ୍ୟ ପ୍ରଜାଙ୍କ ସାଙ୍ଗରେ ପ୍ରଜା ହୋଇ ଚଳୁଥିଲେ। ରାଜା ରାଣୀଙ୍କର ଦୁଇ ପୁତ୍ର ରାଜକୁମାର ଥିଲେ। ଜଣଙ୍କର ନାମ ଅଶ୍ୱଜିତ୍ ଯିଏକି ବଡ଼ ଭାଇ ଏବଂ ଅନ୍ୟ ଜଣଙ୍କର ନାମ ବିଶ୍ୱଜିତ୍ ଯିଏକି ସାନ ଭାଇ ଥିଲା। ସର୍ବଦା ସେମାନେ ଏକତ୍ର ଖାଇବା, ଶୋଇବା, ବୁଲିବା ଏମିତିକି ଜଣେ ଜଣଙ୍କୁ ନଦେଖିଲେ ରହିପାରନ୍ତି ନାହିଁ। କିନ୍ତୁ ସ୍ୱଭାବରେ ପାର୍ଥକ୍ୟ ତାଙ୍କୁ ଭିନ୍ନ ମଣିଷର ପରିଚୟ ଦେଉଥିଲା।

ବିଶ୍ୱଜିତ୍ ସୁଧାର ପିଲାମାନଙ୍କ ସହିତ ମିଳାମିଶା କରୁଥିଲା ବେଳେ ଅଶ୍ୱଜିତକୁ ଜଣେ ଦୁଃସଙ୍ଗୀ ମିଳିଯାଇଥିଲା। କିନ୍ତୁ ବିଶ୍ୱଜିତ୍ ସତେ ଯେମିତି ପାଠରେ ବିଶ୍ୱକୁ ଜିତିପାରୁଥିଲା। ଦିନେ ଅଶ୍ୱଜିତର ସଙ୍ଗାତ ଅଶ୍ୱଜିତକୁ କହିଲା 'ଆରେ ତୁ କାହିଁକି ଏତେ କଷ୍ଟ କରୁଛୁ ? ତୋ'ର ପଢ଼ିବାର କ'ଣ ଆବଶ୍ୟକ ? ତୋର ପିତାଶ୍ରୀ ଜଣେ ରାଜା ଆଉ ତୁ ଜଣେ ରାଜକୁମାର। ତୋ'ର ପୁଣି କ'ଣ ଅଭାବ ?' ସେ ତା' ସଙ୍ଗାତ କହିବା ଅନୁସାରେ ସେଦିନ ଠାରୁ ଆଉ ପାଠରେ ଧ୍ୟାନ ଦେଲା ନାହିଁ। ପଢ଼ା ଛାଡ଼ିଦେଇ ଏଣେ ତେଣେ ମନ ଲଗାଇଲା। ସମସ୍ତଙ୍କ ଘୃଣାର ପାତ୍ର ହେଲା। ହେଲେ ବିଶ୍ୱଜିତ୍ ପାଠରେ ଉତ୍ତୀର୍ଣ୍ଣ ହୋଇ ଜଣେ ଭଲ ମଣିଷଟିଏ ହୋଇପାରିଲା। କଥାରେ ଅଛି 'ଯେମିତି ସଂଗତ ସେମିତି ପ୍ରାପତ'।

ଦିନ ବିତିଗଲା ନଦୀର ପାଣି ପରି। କାଳର କରାଳ ଗତିରେ ରାଜାଙ୍କର ଅକାଳ ମୃତ୍ୟୁ ଘଟିଲା। ତାଙ୍କର ମୃତ୍ୟୁକୁ ନେଇ ଚିନ୍ତିତ ହୋଇପଡିଲେ ମହାରାଣୀ ପୁଷ୍ପବତୀ। ଶୋକର ଛାୟା ଖେଳିଗଲା ସାରା ରାଇଜରେ। ଭାଳେଣି ପଡ଼ିଲା ରାଜାଙ୍କ ଅନ୍ତେ ରାଜ୍ୟ ସମ୍ଭାଳିବି କିଏ ? ଆଉ କିଏ ପିନ୍ଧିବ ସେ ରାଜ ମୁକୁଟ ? ପୁରା ରାଜ୍ୟରେ ଲହରି ଖେଳିଗଲା ଯେ ରାଜାଙ୍କର ତ ଦୁଇ ପୁତ୍ର, ତାଙ୍କ ଭିତରୁ ଯିଏ ଯୋଗ୍ୟ ସେ ହିଁ ରାଜା ହୁଅନ୍ତୁ। ଯେହେତୁ ତାଙ୍କ ପିତା ଜଣେ ବିଦ୍ୱାନ ରାଜା ଥିଲେ ନିଶ୍ଚୟ ତାଙ୍କ ପୁତ୍ରଙ୍କ ଶରୀରରେ ତାଙ୍କ ସାଧୁତାର ରକ୍ତ ପ୍ରବାହିତ ହେଉଥିବ। ତା' ଛଡା ରାଜ୍ୟ ସମ୍ଭାଳିବା କେଉଁ ସାଧାରଣ ବ୍ୟକ୍ତି ବିଶେଙ୍କ ପକ୍ଷରେ ସମ୍ଭବ ନୁହେଁ। ମହାମନ୍ତ୍ରୀ ତ ସବୁ ଜାଣନ୍ତି, ଦୁଇ ରାଜକୁମାରଙ୍କ ମଧ୍ୟରୁ ରାଜା ହେବାପାଇଁ ଉପଯୁକ୍ତ ପ୍ରାଥି କିଏ ? ସମସ୍ତ ପ୍ରଜା ମହାମନ୍ତ୍ରୀଙ୍କୁ କ୍ଷମତା ଦେଲେ ଦୁଇ ରାଜକୁମାରଙ୍କ ମଧ୍ୟରୁ ପରୀକ୍ଷା ନେଇ ଉପଯୁକ୍ତ ବିଚାର କରନ୍ତୁ କିଏ ରାଜଗାଦି ସମ୍ଭାଳିବେ! ପରଦିନ ଘୋଷଣା ପାଇଁ ପାତ୍ରମନ୍ତ୍ରୀ ସୈନ୍ୟସେନା ଏବଂ ସମସ୍ତ ପ୍ରଜାମାନଙ୍କୁ ଆମନ୍ତ୍ରଣ କରାଗଲା ସଭାକୁ। ଅୟୋଜନ କରାଯାଇଥିବା ସଭାରେ ସମସ୍ତେ ଆସି ଉପସ୍ଥିତ ହୋଇଗଲେ। ଦୁଇ ରାଜକୁମାର ଦୁଇଟି ଆସନ ଉପରେ ବସି ମନେ ମନେ ଭାବୁଥାନ୍ତି କାହା ଉପରେ ଭାଗ୍ୟଲକ୍ଷ୍ମୀ ପ୍ରସନ୍ନ ହେବେ। ଏବେ ଘୋଷଣାର ସମୟ ଆସିଗଲା। ମହାମନ୍ତ୍ରୀ କହିଲେ, 'ଶୁଣନ୍ତୁ, ମହାରାଜ ଯେତେବେଳେ ଜୀବିତ ଥି

ଚେତାବନୀର ୨୪ ଘଣ୍ଟା ମଧ୍ୟରେ ଧରାପଡିଲା କିଡ୍‌ନାପର

ସମ୍ବଲପୁର : ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ପରମାନପୁର ଗ୍ରାମର ମାନୁ ଜାଲଙ୍କ (୪୮) ନାବାଳିକା ୧୫ବର୍ଷ ଝିଅ ଆରତୀ ଜାଲ ଗତ. ୦୫/୧୨/୨୨ ଦିନ ଏକୁସିଆ ନାମ କରଣ ଉତ୍ସବ ନିମନ୍ତେ ଘେନୁପାଳି ଯାଇଥିଲେ। ବନ୍ଧୁ ମାନଙ୍କ ସହ ଗପସପ ହେଉଥିବା ବେଳେ ଠିକ୍ ୨ଟା ମଧ୍ୟରେ ଝିଅ ଆରତୀ ଜାଲ ଗାୟବ ହୋଇଥିଲା। ଝିଅକୁ ଘରେ ନଦେଖି ପରିବାର ଲୋକେ ଖୋଜାଖୋଜି ବହୁତ କରିଥିଲେ ଏବଂ ମିଳିନଥିବାରୁ ଝିଅର ସାଙ୍ଗ ସାଥିଙ୍କୁ ମଧ୍ୟ ପଚରା ଉଚରା କରିଥିଲେ। ଏହା ପରେ ୦୬/୧୨/୨୨ ମଙ୍ଗଳ ଦିନ ପରିବାର ପକ୍ଷରୁ ସଦର ଥାନା ସମ୍ବଲପୁରରେ ଏଫ.ଆଇ.ଆର ଦାଖଲ କରିଥିଲେ। ଗତ ୭/୧୨/୨୨ ଦିନ ଆରତୀ ଜାଲଙ୍କ ଘର ପାଖର ତୃପ୍ତି କାଲୋଙ୍କୁ ଉକ୍ତ ପରିବାର ଲୋକେ ଥାନାକୁ ନେବା ପରେ ଥାନାରେ ତୃପ୍ତିକୁ ପୋଲିସ ପଚରା ଉଚରା କରିଥିବା ବେଳେ ତୃପ୍ତି ବୟାନରୁ କୁଚିଣ୍ଡାର ସଂଜୀବ କିଷାସ ପରମାନପୁରରେ ଗୋଟେ ବଙ୍ଗାଳି ଠିକାଦାର ପାଖରେ ମିସ୍ତୀ କାମ କରେ ତାହା ସହ ଯାଇଛି ବୋଲି କହିଥିଲା। ଏବଂ ଆଗକୁ ଆଉ କିଛି ଜାଣିନି ମୋର ଯାହା କଲେ ମଧ୍ୟ ମୁ କହିପାରିବି ନାହିଁ ବୋଲି କହିଥିଲା। ପରିବାର ଲୋକେ ଠିକାଦାର ଓ ସଂଜୀବର ୩ଜଣ କୁଳି କାମ କରୁଥିବା ପିଲାଙ୍କୁ ଥାନାକୁ ଅଣା ଯାଇଥିଲା। ଠିକାଦାର ଓ କୁଳି ମାନେ ସଂଜୀବକୁ ଆମେ ଜାଣି ନାହିଁ ବୋଲି କହିଥିବା ବେଳେ ଠିକାଦାରର ପୁଅ କୁଚିଣ୍ଡାର କଲ୍ଲାପଡା ବୋଲି

ଥାନାରେ କହିଥିଲା। ପରିବାର ଲୋକେ କୁଚିଣ୍ଡା ଯାଇ ଖଜାଖୋଜି କରିବା ପରେ ଭୋଟର ତାଲିକାରେ ସଂଜୀବର ନାମ କରଣ ନାହିଁ। ସଂଜୀବର ବାପା ନାମ ଗିରୀନ୍ଦ୍ର କିଷାନ, ଖୀ ସମ୍ବାରି କିଷାନ ଭୋଟର ତାଲିକାରେ ମିଳିଥିବା ବେଳେ ସଂଜୀବର ଘରକୁ ପରିବାର ଲୋକେ ପହଞ୍ଚି ସଂଜୀବ ବିଷୟରେ ବୁଝିଥିଲେ। ସଂଜୀବଙ୍କ ଘର ଲୋକଙ୍କ ଠାରୁ ଜଣା ଯାଇଛି ଯେ, ୩ ରୁ ୪ ବର୍ଷ ହେଲା ଘରକୁ ଆସୁନାହିଁ ତାକୁ ଖୋଜିଲୁ ୧ବର୍ଷ ଆଉ ଖୋଜୁ ନାହିଁ ବୋଲି କହିଥିଲେ । ଆପଣ ମାନେ ଦେଖିଲେ କହିବେ ବୋଲି ସଂଜୀବ ବାପା କହିଥିଲେ। ଗତ ୨୪ ତାରିଖ ଦିନ ସନ୍ଧ୍ୟା ୬ଟା ରେ ସଂଜୀବ ତା ସାଙ୍ଗ ମୋବାଇଲ ରୁ ଫୋନ କରି ଆରତୀ ବାପାଙ୍କୁ ଆମେ ବେଙ୍ଗାଲୁରୁରେ ଅଛୁଁ ଆମକୁ ଖୋଜା ଖୋଜି କର ନାହିଁ, ଆମକୁ ତ ଆମକୁ, ଆମର ଛାଇଂ ମଧ୍ୟ ଦେଖି ପାରିବନି ଚେତାବନୀ ଦେଇଥିଲା। ଏହା ପରେ ସଦର ଥାନକୁ ଟ୍ରାକ୍ ପାଇଁ ନଂ ଦିଆ ହୋଇଥିଲା କିନ୍ତୁ, ଟ୍ରାକ୍ ର କୌଣସି ଲୋକେସନ ଦେଇନଥିଲେ। ସୁନ୍ଦରଗଡ ଏରିଆରେ ସଂଜୀବ ଥିବା ସୂଚନା ପାଇଥିଲା ଝିଅ ବାପା ଏନେଇ ଆରତୀକୁ ଖୋଜା ଖୋଜି କରୁଥିଲେ। ଠିକ୍ ୨୫ତା ସମୟ ୩ ଟା ରୁ୪ ମଧ୍ୟରେ ଭସମା ଥାନା ଅଧିକାରୀଙ୍କୁ ଉଣ୍ଡୁପାଳି ଗାଁ ରେ ଏକ କେସ ନିମନ୍ତେ ଆସିଥିବା ବେଳେ ଝିଅ ବାପା ଓ ଯୁବ ସାମ୍ବାଦିକ ଭେଟିଥିଲେ। ଝିଅ କିଡନାପ ହୋଇଥିବା କହିବାରୁ କିଡନାପର କିଛି ନଂ ଅଛି ବୋଲି ପଚାରିଥିବା ବେଳେ ଆଇଆଇସିଙ୍କୁ ସଂଜୀବର ନଂ ଦେଇଥିଲେ ସାଙ୍ଗେ ସାଙ୍ଗେ ନଂ ଟ୍ରାକ୍ କରି ଟ୍ରାକ୍ ଲୋକେସନ ଦେଇଥିଲେ । ସଂଜୀବର ଟ୍ରାକ୍ କୁଚିଣ୍ଡା ଦେଖେଇଥିବା ବେଳେ କୁଣ୍ଡୁପାଳିରୁ ବାଇକରେ କୁଚିଣ୍ଡା ଆସିଥିଲେ। ଟ୍ରାକ୍‌ରେ ଆସି ପହଁଞ୍ଚୀଥିବା ବେଳେ ଟ୍ରାକ୍ ପୁଣି ଭୋଜପୁର ଦିଗକୁ ମୋଡ଼ ନେଇଥିଲା। ବାଇକ ରୁ ଯାଉଥିବା ବେଳେ କୁଚିଣ୍ଡା ପିସିଆର ପେଟ୍ରୋଲିଂ ଡ୍ୟୁଟିରେ ଥିବା ଏଏସ ଆଇଙ୍କୁ ସାମ୍ବାଦିକ ଭେଟି ଟ୍ରାକ୍‌ରେ କିଡ୍‌ନାପରଙ୍କୁ ଧରିବାରେ ସାହାଯ୍ୟ ମାଗିଥିଲେ। ଏହାପରେ ଏଏସଆଇ ସାରଥୀ କଲେତ ସଙ୍ଗେ ସଙ୍ଗେ ତାଙ୍କ ପିସିଆର ପେଟ୍ରୋଲିଂ ଗାଡ଼ିରେ ଟ୍ରାକ୍ ଦେଖି ଭୋଜପୁର ଅନ୍ତର୍ଗତ ଗୋଟେ ଜଙ୍ଗଲ ଭିତରେ ଏକ ପଡାକୁ ଟିମ୍ ସହ ପହଁଞ୍ଚୀଥିଲେ। ପଡାରେ ବୁଲି ବୁଲି ବହୁତ ଖୋଜିଲା ପରେ ଶେଷରେ ସଂଜୀବର ନଂ ରେ ଫୋନ କରିଥିବା ବେଳେ ସଂଜୀବର ସାଙ୍ଗ ହେଲୋ ହେଲୋ କହି କଲ କାଟି ଦେଉଥିଲା। ଫୋନ କରି କରି ଘର ଘର ବାଟ ବାଟ ବୁଲି ଦେଖିଥିଲେ। ଏହା ପରେ ଗୋଟେ କୁଡ଼ିଆ ଘରୁ ହେଲୋ ହେଲୋ ସକାଳେ କଥା ହେବା ସାଉଣ୍ଡ ଆସିଥିଲା। ସାଉଣ୍ଡ ଶୁଣି ନିଶ୍ଚିତ ହେଲା ପରେ ଘର ମୁଖ୍ୟ କବାଟ ଖୋଲ ଖୋଲ ଖୋଲ କହିଥିଲେ ହେଲେ ୫ମିନିଟରୁ ଅଧିକା ହୋଇଥିବ କିନ୍ତୁ କବାଟ ଖୋଲି ନଥିଲେ। ସବୁଠୁ ବଡ଼ କଥା ଯେ, ସେହି ଘର ଚାରି ପଟେ ଘେରାଉ ହୋଇଥିଲା। ୫ମିନିଟ ମଧ୍ୟରେ ଘରୁ ଫେରାର ହେବାରର ଉଦ୍ୟମ କରିଥିଲା ସଂଜୀବ। ପଛପଟୁ ଯାଇ ନପାରି କାନ୍ଥ କଣରେ ଲୁଚି ରହିଥିଲା। ଯେଉଁ ନମ୍ବରରେ ସଂଜୀବ କଥା ହେଉଥିଲେ ସେହି ନମ୍ବର ତା ସାଂଗର ଥିଲା। ସଂଜୀବ ଓ ତା ସାଂଗ ଏକା ସହ ସୋଇଥିଲେ। ସାଙ୍ଗ ପାଖରୁ ଉଠି ପଳେଇ ଉଦ୍ୟମ କରିଥିଲେ ହେଁ ଯାଇପାରିଲା ନାହିଁ। ଘର ଭିତରୁ ସଂଜୀବ ଓ ତା ସାଙ୍ଗକୁ ଏକା ସହ ଧରିବାରେ ସଫଳ ହେଲେ ପୋଲିସ ଯୁବସାମ୍ବାଦିକ ଓ ଝିଅ ବାପା। ଏହାପରେ କୁଚିଣ୍ଡା ଥାନାକୁ ଅଣା ଯାଇଥିଲା। କୁଚିଣ୍ଡା ଥାନାକୁ ସଦର ଥାନା ଆଇଆଇସି ପହଞ୍ଚିଥିଲେ ଏହା ପରେ ଦୁଇ କିଡ୍‌ନାପରଙ୍କୁ ନେଇ ଝିଅ ଆରତୀକୁ ଦେବଗଡ଼ ଅନ୍ତର୍ଗତରୁ ଉଦ୍ଧାର କରିଥିଲେ। ସଦର ପୋଲିସର ଅନୁସନ୍ଧାନ ଜାରି ରହିଛି। କିଡ୍‌ନାପର ସଂଜୀବ କିଷାନ ଓ ସହଯୋଗୀ ମୋବାଇଲ୍‌ଜାଲ ଉପରେ ପୋଲିସ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା।

ଗଣତନ୍ତ୍ର ଦିବସ ପରେଡ୍‌ରେ ଦିଲ୍ଲୀରେ ଗଡ଼ିବନି ଓଡ଼ିଶାର ପ୍ରଜ୍ଞାପନ ମେଢ

ଭୁବନେଶ୍ୱର : ଏବର୍ଷ ବି ଗଣତନ୍ତ୍ର ଦିବସ ପରେଡ୍ ବେଳେ ଦିଲ୍ଲୀରେ ଗଡ଼ିବନି ଓଡ଼ିଶାର ପ୍ରଜ୍ଞାପନ ମେଢ। ଭାରତ ସରକାରଙ୍କ ପକ୍ଷରୁ ୧୬ ରାଜ୍ୟର ପ୍ରଜ୍ଞାପନ ମେଢ଼କୁ ଅନୁମତି ମିଳିଛି। ଏହି ୧୬ ଟିକିଆ ତାଲିକାରେ ଓଡ଼ିଶାର ନାଁ ନାହିଁ। ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇଥିବା ପ୍ରଜ୍ଞାପନ ମେଢ଼ ବାବଦ ଚିଠିରେ ଓଡ଼ିଶାର ନାଁ ନାହିଁ।

ଓଡ଼ିଶା ପକ୍ଷରୁ ଦୁଇଟି ମଡେଲ୍ ପ୍ରଜ୍ଞାପନ ମେଢରେ ପାଇଁ ସ୍ଥାନ ଦେବାକୁ ପଠାଯାଇଥିଲା। ଏହି ଦୁଇ ମଡେଲ୍ ହେଲା ଶ୍ରୀଜଗନ୍ନାଥ ମନ୍ଦିର ଓ ମୁକ୍ତେଶ୍ୱର ମନ୍ଦିର। ତେବେ ଭାରତ ସରକାରଙ୍କ ଚୂଡ଼ାନ୍ତ ତାଲିକାରେ ଓଡ଼ିଶାର ଦୁଇଟି ଯାକ ମଡେଲକୁ ସ୍ଥାନ ଦିଆଯାଇନାହିଁ। ପୂର୍ବରୁ ୨୦୧୬, ୨୦୧୭ ଓ ୨୦୨୦ରେ ଦିଲ୍ଲୀ ରାଜପଥରେ ସାଧାରଣତନ୍ତ୍ର ଦିବସରେ ପ୍ରଦର୍ଶିତ ହୋଇଥିଲା ଓଡ଼ିଶାର ମଡେଲ। କିନ୍ତୁ ଏଥର ବି ବାଦ ପଡ଼ିବା ପରେ ଲଗାତାର ୩ ବର୍ଷ ଧରି ଓଡ଼ିଶାର ପ୍ରଜ୍ଞାପନ ମେଢ଼ ଦିଲ୍ଲୀରେ ଦେଖିବାକୁ ମିଳିବ ନାହିଁ। ଯାହାକୁ ନେଇ ଗଭୀର ଉଦବେଗ ପ୍ରକାଶ ପାଇଛି। ଓଡ଼ିଶାର କଳାକୃତିକୁ ବାଦ୍ ଦେବା ଦୁଃଖର କଥା ବୋଲି ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ କହିଛନ୍ତି। ସେହିପରି ବିଶିଷ୍ଟ ଚିତ୍ରଶିଳ୍ପୀ ଗଜେନ୍ଦ୍ର ସାହୁ କହିଛନ୍ତି, ଦୁଇ ଦୁଇଟି ମଡେଲକୁ ବାଦ୍ ଦିଆଯିବା ଦୁଃଖର ବିଷୟ। ଏହା ଓଡ଼ିଶାବାସୀଙ୍କୁ ଆଘାତ ଦେଇଛି।

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ଘର କ୍ରେତାଙ୍କ ...

କରୁଥିଲେ ରେରା ଅଧୀନରେ ପଞ୍ଜୀକରଣକୁ ବାଧ୍ୟତାମୂଳକ କରାଯାଇଛି। ପଞ୍ଜିକୃତ ନଥିଲେ ଦଖଲ ପ୍ରମାଣପତ୍ର (ଅକୁପାନ୍ସି ସାର୍ଟିଫିକେଟ୍) ଦିଆ ନ ଯିବାକୁ ଘୋଷଣା ହୋଇଛି। ଧାର୍ଯ୍ୟ ସମୟରେ ପ୍ରକଳ୍ପ ସମାପ୍ତ ନ ହେଲେ ରିୟଲ ଇଷ୍ଟେଟ୍ ସଂସ୍ଥା ଜରିମାନା ଦେବାକୁ ଧାର୍ଯ୍ୟ ହୋଇଛି। ଏହାସହିତ ଘର କ୍ରେତାଙ୍କୁ ନେଇ ରିୟଲ ଇଷ୍ଟେଟ୍ ସଂସ୍ଥା ଆସୋସିଏସନ ଗଠନ କରିବା ସହ ପ୍ରକଳ୍ପର ବୀମା କରିବ। ୫ ବର୍ଷ ଯାଏ ସମ୍ପୃକ୍ତ ପ୍ରକଳ୍ପ ପାଇଁ ଦାୟୀ ରହିବ ବୋଲି ଘୋଷଣା ହୋଇଛି। ଯଦିଓ କେତେକ ସଂସ୍ଥା ଲୁଚାଚୋରାରେ ବିନା ପଞ୍ଜୀକରଣରେ ବେଆଇନ କାରବାର କରୁଛନ୍ତି ତଥାପି ଏହି କାରବାରରେ ଠକେଇ କମିଛି ବା ଠକ ସଂସ୍ଥାଙ୍କ ଉପରେ ଅଙ୍କୁଶ ଲାଗି ପାରିଛି। ଲୋକମାନେ କିଭଳି ସଚେତନ ହେବେ ସେଥିପାଇଁ ରେରା ପକ୍ଷରୁ ସ୍ୱତନ୍ତ୍ର ହେଲ୍ପ ଡେସ୍କ କରାଯିବା ସହ ନିୟମିତ କାର୍ଯ୍ୟାନୁଷ୍ଠାନ ହେଉଛି। ଅଭିଯୋଗ ଶୁଣାଣି ବ୍ୟବସ୍ଥାକୁ ସରଳ କରାଯିବା ସହ ଗୁରୁତ୍ୱ ଦିଆଯାଇଛି। reraodisha.gov.in ଜରିଆରେ ପଞ୍ଜୀକରଣ ଠାରୁ ଆରମ୍ଭ କରି ସମସ୍ତ କାରବାର ଅନ୍‌ଲାଇନ୍‌ରେ କରାଯାଇ ପାରୁଛି। ଏଜେଣ୍ଟମାନଙ୍କୁ ଏଥିରେ ପଞ୍ଜିକୃତ ହେବାକୁ ପଡୁଛି। ପ୍ରକଳ୍ପକୁ ମଧ୍ୟ ପଞ୍ଜୀକରଣ କରିବାକୁ ପଡୁଛି। ଏଜେଣ୍ଟମାନଙ୍କର ପଞ୍ଜୀକରଣ ଅବଧି ୩ ବର୍ଷ ରଖାଯାଇଛି। ରେରାରେ ବର୍ତ୍ତମାନ ସୁଦ୍ଧା ୧୨୫ ଜଣ ଏଜେଣ୍ଟ ପଞ୍ଜିକୃତ ହୋଇଥିବା ବେଳେ ୧୪ ଜଣଙ୍କ ଆବେଦନ କାଟ୍ ଖାଇଛି। ରେରାରେ ପଞ୍ଜିକୃତ ହୋଇଥିବା ୧୩୯୮ ଅଭିଯୋଗରୁ ୧୦୪୬ଟି ସମାଧାନ ହୋଇଥିବା ବେଳେ ୩୫୨ଟି ବିଚାରାଧୀନ ରହିଛି। ସେହିଭଳି ୮୧୮ଟି ପ୍ରକଳ୍ପ ନିର୍ମାଣ ପାଇଁ ଆବେଦନ ହୋଇଥିବା ବେଳେ ୪୧୬ଟି ପ୍ରକଳ୍ପକୁ ରେରା ନିର୍ମାଣ ଅନୁମତି ଦେଇ ନାହିଁ। ଏହାସହ ୧୯୫ ବିଲ୍‌ଡର/ ରିଅଲଇଷ୍ଟେଟ୍ ସଂସ୍ଥାଙ୍କ ଉପରେ ରେରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସେମାନଙ୍କୁ ୧୪ କୋଟି ୭୦ ଲକ୍ଷ ଜରିମାନା କରାଯାଇଥିବା ଜଣାପଡ଼ିଛି।

ଅର୍ଥାଭାବ ...

ଜୀବନଲତା ସଲାମଙ୍କ ନେତୃତ୍ୱରେ ଏହି ଗବେଷଣା କରାଯାଇଥିଲା। ବେଙ୍ଗାଲୁରୁ ଏନଆଇଏସ୍ ବା ନ୍ୟା ସନାଲ ଇନଷ୍ଟିଚୁଟ୍ ଅଫ୍ ଆଡଭାନ୍ସଡ ଷ୍ଟଡିଜର ସହଯୋଗୀ ଗବେଷକ ଶିବା ମୁଖୀ କହିଛନ୍ତି, ୬୮ ପ୍ରତିଶତ ପିଲା ପାଠ ସହ ଧନ୍ଦାମୂଳକ ଶିକ୍ଷା ଚାହିଁଛନ୍ତି। ନହେଲେ ସେମାନେ ପାଠ ପଢ଼ା ଜାରି ରଖିପାରୁନାହାନ୍ତି ବୋଲି କହିଛନ୍ତି। ଶିକ୍ଷା ଓ ଶିଳ୍ପ ମଧ୍ୟରେ ସମନ୍ୱୟ ଆବଶ୍ୟକ। କୋରାପୁଟର ଶିକ୍ଷକ ଚନ୍ଦ୍ରଶେଖର ପଟ୍ଟନାୟକ କହିଛନ୍ତି, ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣା ଭୋଜନ ଓ ପୋଷାକ ମିଳୁଛି। ନବମ ପରେ ସେ ସବୁ ମିଳୁନି। ଏପରି ସ୍ଥଳେ ପିଲାଙ୍କୁ ସ୍ୱତନ୍ତ୍ର ବିଦ୍ୟାଳୟ ଭଳି ଧନ୍ଦାମୂଳକ ଶିକ୍ଷା ଦେଲେ ସେମାନେ ସ୍ୱାବଲମ୍ବୀ ହେବା ସହ ପାଠ ପଢ଼ିପାରନ୍ତେ। କୋରାପୁଟ ଆଦିବାସୀ ସମାଜ ସଂପାଦକ ପଦ୍ମନାଭ ଜାନି କହିଛନ୍ତି, ପିଲାଙ୍କୁ ଆର୍ଥିକ ସହାୟତା ମିଳିବାରେ କଷ୍ଟ ହେଉଥିବାରୁ ସମାନେ ଦାଦନ ଶ୍ରମିକ ଭାବେ ଚେନ୍ନାଇ ଓ ମୁମ୍ବାଇ ପଳାଉଛନ୍ତି। ଶିକ୍ଷା ଓ ଶିଳ୍ପର କିଭଳି ସମନ୍ୱୟ ଘଟିବ ସେନେଇ ଏନଆଇଏସ୍ ଟିମ୍ ରାୟଗଡ଼ା ଗୁମ୍ମାରେ ଅକ୍ଟୋବର ମାସରେ ଏକ ଶିବିର ଆୟୋଜନ କରିଥିଲେ। ଜାତୀୟ ସ୍ତର ତୁଳନାରେ ଓଡ଼ିଶା ପିଲାଙ୍କ ହାଇସ୍କୁଲରୁ ପାଠ ଛାଡ଼ିବା ହାର ଦୁଇ ଗୁଣରୁ ଅଧିକ ରହିଛି। ନିକଟରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ୟୁଡିଏସଆଇଇ-ପ୍ଲସ୍-୨୦୨୧-୨୨ ରିପୋର୍ଟରେ ଜାତୀୟ ସ୍ତରରେ ନବମ ଓ ଦଶମ ଶ୍ରେଣୀ ପରେ ପାଠ ଛାଡୁଥିବା ପିଲାଙ୍କ ହାର ୧୨.୬% ହୋଇଥିଲା ବେଳେ ଓଡ଼ିଶାରେ ଏହି ହାର ୨୭.୩% ରହିଛି।

୧୨୧୯ କୋଟି ...

ସେହିପରି ଦେଶ ଓ ବିଦେଶରେ ପେଟେଣ୍ଟ ରେଜିଷ୍ଟ୍ରେସନ ନିମନ୍ତେ ଶତପ୍ରତିଶତ ଖର୍ଚ୍ଚ ଅବା ସର୍ବାଧିକ ୫ଲକ୍ଷ ଟଙ୍କା ସବସିଡି ସରକାର ଦେବେ। କ୍ୱାଲିଟି ସାର୍ଟିଫିକେଟ୍ ହାସଲ, ୱାଟର ଅଡିଟ୍ କଷ୍ଟ, ଏନର୍ଜି ଅଡିଟ୍ କଷ୍ଟ, ଏସଏମଇ ଏକ୍ସଚେଞ୍ଜ ମାଧ୍ୟମରେ କ୍ୟାପିଟାଲ ସହାୟତା ସଂଗ୍ରହ ଆଦି ପାଇଁ ମଧ୍ୟ ସରକାର ୱାନଟାଇମ୍ ଆର୍ଥିକ ସହାୟତା ଯୋଗାଇ ଦେବେ। ସରକାରୀ, ଇଡକୋ ଓ ଘରୋଇ ଜମି ବା ସେଡ୍ କ୍ରୟ ଓ ଲିଜ ଟ୍ରାନ୍ସଫରରେ ଉଭୟ ନୂଆ ଓ ପୁରୁଣା ଏମଏସଏମଇ ଉଦ୍ୟୋଗୀଙ୍କୁ ଷ୍ଟାମ୍ପ ଡ୍ୟୁଟି ଛାଡ, ଶିଳ୍ପାଂଚଳ ନିମନ୍ତେ ଜମି କିସମ ପରିବର୍ତ୍ତନରେ ମଧ୍ୟ ପ୍ରିମିୟମ ପୈଠରେ ସୁବିଧା ମିଳିବ। ସେହପରି କୋର୍ଟକଚେରୀରେ ଥିବା ମାମଲା ଯୋଗୁ ଦୀର୍ଘଦିନ ଧରି ଶିଳ୍ପସଂସ୍ଥାଗୁଡ଼ିକ ଉପରେ ବକେୟା ଥିବା ଜଳକର ଆଦାୟକୁ କରିବା ନିମନ୍ତେ ରାଜ୍ୟ କ୍ୟାବିନେଟ୍ ଓଟିଏସ୍ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି। ରାଜ୍ୟର ୨୧ଟି ବୃହତ୍ ଶିଳ୍ପ ଓ ୬୪୫ଟି ଶିଳ୍ପ ସଂସ୍ଥା ଉପରେ ପ୍ରାୟ ୧୨୧୯କୋଟି ଟଙ୍କା ଜଳକର ବକେୟା ପଡ଼ିଛି। କୋର୍ଟରେ ମାମଲା ଯୋଗୁ ଏସବୁ ଟଙ୍କା ଆଦାୟ ହୋଇପାରୁନଥିବାରୁ କୋର୍ଟ ବାହାରେ ଏସବୁର ସମାଧାନ ପାଇଁ ଓଟିଏସ୍ ବ୍ୟବସ୍ଥା ଲାଗୁ କରିଛନ୍ତି। ଏଥିପାଇଁ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ବିଧିବଦ୍ଧ ଭାବେ ଜଳସମ୍ପଦ ବିଭାଗକୁ ଆବେଦନ କରି ଏହାର ଫାଇଦା ନେଇପାରିବେ। ସେଥିପାଇଁ ସେମାନଙ୍କୁ କୋର୍ଟରୁ ମାମଲା ପ୍ରତ୍ୟାହାର କରିବା ନେଇ ଲିଖିତ ଭାବେ ଦେବାକୁ ପଡ଼ିବ। ଏହି ଓଟିଏସ୍ ବ୍ୟବସ୍ଥା ସ୍ୱଳ୍ପ ସମୟ ପାଇଁ ବଳବତ୍ତର ରହିବ।

ମିଶନ ଶକ୍ତି ...

ଟଙ୍କାର ପୁଞ୍ଜି ଆକର୍ଷଣ କରିବାରେ ସଫଳ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଅନୁଗୁଳରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଦ୍ୱାରା ଜିଲ୍ଲାର ବିକାଶଧାରା ଆହୁରି ତ୍ୱରାନ୍ୱିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଅନୁଗୁଳର ମିଶନ ଶକ୍ତି ମା ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୨୪୨ କୋଟି ଟଙ୍କାର ସହାୟତା ପ୍ରଦାନ କରିଥିଲେ। ଜିଲ୍ଲାର ୭୩୭୨ ମିଶନ ଶକ୍ତି ଗୋଷ୍ଠୀର ୭୫ ହଜାର ମହିଳା ଏହାଦ୍ୱାରା ଉପକୃତ ହେବେ। ମିଶନ ଶକ୍ତି ତାଙ୍କର ସବୁଠାରୁ ପ୍ରିୟ କାର୍ଯ୍ୟକ୍ରମ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରତିଦିନ ମିଶନ ଶକ୍ତିର ମା ମାନେ ତାଙ୍କୁ ଭେଟୁଛନ୍ତି ଓ ତାଙ୍କ ସଫଳତାର କାହାଣୀ କହୁଛନ୍ତି। ଏହା ତାଙ୍କୁ ଖୁବ ଆନନ୍ଦ ଦେଉଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ମା ମାନଙ୍କୁ ଉଦ୍ୟୋଗୀ ଭାବରେ ଦେଖିବାକୁ ଚାହାଁନ୍ତି ବୋଲି ପ୍ରକାଶ କରି ଏଥିପାଇଁ ରାଜ୍ୟ ସରକାର ସବୁ ସହଯୋଗ ଯୋଗାଇ ଦେବେ ବୋଲି ସେ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଗାମୀ ୫ ବର୍ଷରେ ମିଶନ ଶକ୍ତି ମା ମାନଙ୍କୁ ବିନା ସୁଧରେ ୫୦ ହଜାର କୋଟି ଟଙ୍କାର ସହାୟତା ଦିଆଯିବ। ଏହି କାର୍ଯ୍ୟକ୍ରମରେ ଉପବାଚସ୍ପତି, ଜିଲ୍ଲାର ବିଧାୟକମାନେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ପ୍ରଥମେ ଅନୁଗୁଳ ଷ୍ଟାଡିଅମରେ ପହଞ୍ଚି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରି ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହାପରେ ରେଲୱେ ଷ୍ଟେସନ ଯାଇ ସେଠାରେ ସମ୍ବଲପୁର-ଶାଲିମାର-ସମ୍ବଲପୁର ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ରେଳବାଇ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଅନୁଗୁଳ ଲୋକୋ ସିଡ୍ ସାଇଡିଙ୍ଗ ଯାଇ ସେଠାରେ ନୂଆ ଏମ୍‌ସିଆର୍‌ଏଲ୍ ରେଲ ଲାଇନ ଉଦ୍‌ଘାଟନ କରିବା ସହିତ ଅନୁଗୁଳ-ବଳରାମ ଲିଙ୍କ ଗୁଡ୍‌ସ ଟ୍ରେନର ଶୁଭାରମ୍ଭ କରିଥିଲେ।

୧୨ ମାସରେ ...

ଅଭିଯୋଗରେ ୩୮ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। କ୍ରେଡିଟ କାର୍ଡ ସମ୍ବନ୍ଧୀୟ ଠକେଇ ସର୍ବାଧିକ ହୋଇଛି। ବିହାର, କୋଲକାତା, ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ଅଧିକ ଠକେଇ କଲ ଆସୁଛି। ଏହି ରାଜ୍ୟମାନଙ୍କରେ ଠକମାନେ ରହି ଓଡ଼ିଶାରେ ଠକେଲ ଜାଲ ପକାଉଛନ୍ତି। ଚଳିତ ବର୍ଷ ଓଡ଼ିଶାର ବାଲେଶ୍ୱର, ମୟୂରଭଞ୍ଜ, କେଉଁଝର ଜିଲ୍ଲାରୁ ସର୍ବାଧିକ ପ୍ରିଏକ୍ଟିଭେଟେଡ ସିମ୍ ରାଜ୍ୟ ବାହାରକୁ ଚାଲାଣ ହୋଇଛି। ଏହା ଜରିଆରେ ଠକମାନେ ସାଧାରଣ ଓ ନିରୀହ ଲୋକଙ୍କୁ ଠକୁଛନ୍ତି।

'ସହରାଞ୍ଚଳ ...

ମଧ୍ୟ ବ୍ୟବସ୍ଥା କରାଯାଇଛି। ଓଡ଼ିଶା ସରକାରଙ୍କ ୫ଟି କାର୍ଯ୍ୟକ୍ରମ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ ଓକାକର ମିଳିତ ଆନୁକୁଲ୍ୟରେ ସମସ୍ତ ଡିଜିଟାଲ୍ ସେବାଗୁଡିକ ନାଗରିକଙ୍କ ନିକଟରେ ପହଞ୍ଚେଇବାପାଇଁ ଏହା ଏକ ସ୍ୱତନ୍ତ୍ର ପ୍ରୟାସ। ଏହି ଅବସରରେ ମନ୍ତ୍ରୀ ତୁଷାରକାନ୍ତି ବେହେରା, ଭୁବନେଶ୍ୱର ମେୟର ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ, ପରିଚାଳନା ନିର୍ଦ୍ଦେଶକ ସ୍ମାର୍ଟ ସିଟି, ମୁଖ୍ୟ କାର୍ଯ୍ୟନିର୍ବ

ପର୍ଯ୍ୟଟନର ଋତୁ...

ପ୍ରେମାନନ୍ଦ ପାଣିଗ୍ରାହୀ

ଅନେକ ବର୍ଷ ତଳେ କେବଳ ଧନିକ ଶ୍ରେଣୀର ଲୋକେ ଭ୍ରମଣ କରୁଥିଲେ। ସମୟାନୁକ୍ରମେ ପ୍ରତ୍ୟେକ ବର୍ଗର ଲୋକେ ପର୍ଯ୍ୟଟନ ଉପରେ ଯଥାସମ୍ଭବ ଗୁରୁତ୍ୱ ଦେଉଛନ୍ତି। ଏହା ଦ୍ୱାରା ଜଣେ ବ୍ୟକ୍ତି ଅନ୍ୟ ରାଷ୍ଟ୍ରର କଳା, ସଂସ୍କୃତି, ଜୀବନଶୈଳୀ, ଖାଦ୍ୟପେୟ ସମ୍ପର୍କରେ ଅବଗତ ହେଉଛନ୍ତି। ଭାରତରେ ଭୌଗୋଳିକ, ସାଂସ୍କୃତିକ, ଜଳବାୟୁର ବିବିଧତା ଥିଲେ ମଧ୍ୟ ଦେଶର ରମଣୀୟ ସ୍ଥାନ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷଣ କରେ। ସମଗ୍ର ଦେଶରେ ଓଡିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠି ବେଳାଭୂମୀ ପର୍ଯ୍ୟଟନ ଠାରୁ ଆରମ୍ଭ କରି ଐତିହ୍ୟ,ଧାର୍ମିକ ପର୍ଯ୍ୟଟନ, ଜଙ୍ଗଲ ଓ ବନ୍ୟପ୍ରାଣୀ, ଖାଦ୍ୟ ଠାରୁ ଆରମ୍ଭ କରି ହସ୍ତଶିଳ୍ପ ଓ ହସ୍ତତନ୍ତ ପର୍ଯ୍ୟଟନର ଉତ୍ସ ଭରି ରହିଛି। କେରଳ, ମହାରାଷ୍ଟ୍ର,ତେଲେଙ୍ଗାନା ପଶ୍ଚିମବଙ୍ଗ ପରେ ଓଡିଶାର ପର୍ଯ୍ୟଟନ କ୍ଷେତ୍ରରୁ ରାଜକୋଷକୁ ବେଶୀ ଆୟ ଆସେ। କରୋନା ମହାମାରୀ ଯୋଗୁଁ ୨୦୨୦-୨୧ ବର୍ଷରେ ପର୍ଯ୍ୟଟନରୁ ଆୟ କମିଛି। ମାତ୍ର ୨୩,୭୬,୫୨୩ ସ୍ଥାନୀୟ ପର୍ଯ୍ୟଟକ ଓ ୬୫୨ ବିଦେଶୀ ପର୍ଯ୍ୟଟକ ଓଡିଶାର ପର୍ଯ୍ୟଟନ କ୍ଷେତ୍ର ଗୁଡିକୁ ଆସିଥିଲେ।

ଓଡିଶାର ପ୍ରାଚୀନ କୀର୍ତ୍ତିରାଜୀ, ସୁନ୍ଦର ବେଳାଭୂମୀ, ସମୃଦ୍ଧ କଳାଓ ସଂସ୍କୃତି, ମେଳା ମହୋତ୍ସବ ଓ ଗ୍ରାମ୍ୟ ବିଭବ ଦେଶବିଦେଶର ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶରେ ପର୍ଯ୍ୟଟନ ଶିଳ୍ପର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ପର୍ଯ୍ୟଟନ ଶିଳ୍ପକୁ ସମୃଦ୍ଧ କରିବାରେ ବିଶ୍ୱର ଅନ୍ୟ ଦେଶ ତୁଳନାରେ ଓଡିଶାର ସ୍ଥିତି କୌଣସି ଗୁଣରେ କମ ନୁହେଁ। ପର୍ଯ୍ୟଟନ ଶିଳ୍ପ କେବଳ ଆମୋଦ ପ୍ରମୋଦର ମାଧ୍ୟମ ନୁହେଁ। ଏହା ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିଥାଏ। ଏହା ଦେଶ ମଧ୍ୟରେ ଭ୍ରାତୃଭାବ ସୃଷ୍ଟି କରିବା ସହ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ। ଟୁର ଅପରେଟରଙ୍କ ଠାରୁ ଆରମ୍ଭ କରି ରେଳବାଇ,ବସ ମାଲିକ, ବିମାନ ପରିବହନ ସଂସ୍ଥା, ଗାଇଡ, ହୋଟେଲ ସିଧାସଳଖ ନିଯୁକ୍ତି ପାଇଥାନ୍ତି ଏବଂ ପରୋକ୍ଷରେ ବି ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥାଏ। ଏହାଦ୍ୱାରା ବିପୁଳ ରାଜସ୍ୱ ବିଭିନ୍ନ ସ୍ତର ଦେଇ ରାଜ୍ୟ ତଥା ଦେଶର ରାଜକୋଷକୁ ଆସିଥାଏ। ଓଡିଶା ପର୍ଯ୍ୟଟନ ନୀତି ପ୍ରଣୟନ ହେବା ପର ଠାରୁ ରାଜ୍ୟକୁ ଜାତୀୟ ଓ ବିଦେଶୀ ପର୍ଯ୍ୟଟକଙ୍କ ଆଗମନରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି। ଓଡିଶା ପର୍ଯ୍ୟଟନ ନୀତି-୨୦୧୬ରେ ଘରୋଇ ଉଦ୍ୟୋଗୀମାନଙ୍କୁ ପର୍ଯ୍ୟଟନ ଶିଳ୍ପ ପ୍ରତି ଆକର୍ଷଣ କରିବା ପାଇଁ ପର୍ଯ୍ୟଟନ ନୀତିରେ ବିଭିନ୍ନ ରିହାତିର ବ୍ୟବସ୍ଥା କରାଯାଇଛି। ଏବେ ସମଗ୍ର ବିଶ୍ୱରେ ଜଗତୀକରଣ ପରେ ଲୋକମାନଙ୍କର ଆର୍ଥିକ ଅଭିବୃଦ୍ଧି ହେଉଥିବା ଯୋଗୁଁ ଏବଂ ଗମନାଗମନ ଓ ସୂଚନା ବିଜ୍ଞାନର ବିକାଶ ହେତୁ ପର୍ଯ୍ୟଟନ ପ୍ରତି ଆକର୍ଷଣ ବୃଦ୍ଧି ପାଉଛି। ପର୍ଯ୍ୟଟକମାନେ ଦର୍ଶନୀୟ ସ୍ଥାନ ପରିଦର୍ଶନରେ ଯାଉଛନ୍ତି। ଆମ ଦେଶ ହେଉ ବା ବାହାର ଦେଶ ହେଉ ପର୍ଯ୍ୟଟକମାନେ ଆମ ରାଜ୍ୟର ଅତିଥି। ସେମାନେ ବହୁ ଦୂର ଅତିକ୍ରମ କରି ଆମ ପର୍ଯ୍ୟଟନ କ୍ଷେତ୍ରକୁ ଆସିଥାନ୍ତି କିଛି ନୂଆ ଦେଖିବାକୁ, ନୂଆ ବାର୍ତ୍ତା ଦେବାକୁ ଓ ଆମ ଠାରୁ କିଛି ଶିଖି ଯିବାକୁ। ଆମର କର୍ତ୍ତବ୍ୟ ହେଉଛି ସେମାନଙ୍କୁ ସୁରକ୍ଷା ଦେବା। ସେମାନେ ଯେପରି ନିର୍ଭୟରେ ଆମ ପର୍ଯ୍ୟଟନ ଓ ଆଧ୍ୟାତ୍ମିକ କ୍ଷେତ୍ରଗୁଡିକୁ ଦର୍ଶନ କରି ଖୁସି ମନରେ ନିଜନିଜ ଅଞ୍ଚଳକୁ ପ୍ରତ୍ୟାବର୍ତ୍ତନ କରିବେ ସେଥିପ୍ରତି ଯତ୍ନବାନ ହେବା। ନିରାପତ୍ତା,ଗମନାଗମନ,ରହିବା ଓ ଖାଇବା ଠିକ ରହିଲେ ସେମାନେ ଆମ ପର୍ଯ୍ୟଟନ କ୍ଷେତ୍ରଗୁଡିକୁ ବାରମ୍ବାର ଆସିବାକୁ ଇଚ୍ଛା ପ୍ରକାଶ କରିବେ। ନିଜର ବନ୍ଧୁ ପରିଜନଙ୍କୁ ଏସବୁ ପର୍ଯ୍ୟଟନ କ୍ଷେତ୍ରଗୁଡିକୁ ବୁଲି ଆସିବାକୁ ପ୍ରୋତ୍ସାହିତ କରିବେ। ଓଡିଶାରେ ତୀର୍ଥ ଓ ପର୍ଯ୍ୟଟନସ୍ଥଳୀର ସୁରକ୍ଷା ଏବଂ ବିକାଶ ପାଇଁ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ଅନନ୍ୟ ନିଦର୍ଶନ ସାଜିଥିବା ଧାର୍ମୀକ ପୀଠଗୁଡିକର ରୂପାନ୍ତରଣ କାର୍ଯ୍ୟ ଜାରି ରହିଛି।

ଓଡିଶାରେ ଇକୋ-ଟୁରିଜିମ୍ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକମାନେ ଯେପରି ପ୍ରାକୃତିକ ପରିବେଶରେ ଭରପୂର ମଜା ନେବେ ସେଥିପାଇଁ ରାଜ୍ୟର ସାତଟି ସ୍ଥାନରେ ଇକୋ ରିଟ୍ରିଟର ବ୍ୟବସ୍ଥା କରାଯାଇଛି। ଓଡିଶାରେ ପ୍ରାୟ ଦୁଇଶହରୁ ଅଧିକ ଐତିହ୍ୟସମ୍ପନ୍ନ ବୌଦ୍ଧ କୀର୍ତ୍ତି ରହିଛି। ବୌଦ୍ଧ କ୍ଷେତ୍ର ନାଳନ୍ଦା ଓ ବୋଧଗୟାର ସମକକ୍ଷ ଓଡିଶାର ବୌଦ୍ଧ କୀର୍ତ୍ତିଗୁଡିକୁ ଗବେଷକ,ପର୍ଯ୍ୟଟକ,ବିଦ୍ୱାନମାନଙ୍କର ଦୃଷ୍ଟି ଆକର୍ଷଣ କରି ଆସିଛି। ଓଡିଶାର ହୀରକ ତ୍ରିଭୁଜ ଭାବରେ ଜଣାଶୁଣା ରତ୍ନଗିରି,ଉଦୟଗିରି,ଲଳିତଗିରି ପର୍ଯ୍ୟଟକଙ୍କ ଆକର୍ଷଣ ସାଜିଥିବାବେଳେ ଧଉଳି ନିକଟରେ ସମ୍ରାଟ ଅଶୋକ ବୌଦ୍ଧ ଧର୍ମ ଗ୍ରହଣ କରିବା ସହ ଓଡିଶାରୁ ବିଶ୍ୱବ୍ୟାପୀ ବୌଦ୍ଧଧର୍ମର ପ୍ରସାର ଅଭିଯାନ ଆରମ୍ଭ କରିଥିଲେ। ରାଜ୍ୟର ପ୍ରଥମ ଧାର୍ମିକ ପର୍ଯ୍ୟଟନ ସର୍କିଟ ଭାବରେ ପୂର୍ବରୁ ପୁରୀ-କୋଣାର୍କ-ଭୁବନେଶ୍ୱରକୁ ନେଇ ସ୍ୱର୍ଣ୍ଣ ତ୍ରିଭୁଜ ରହିଥିଲା। କେନ୍ଦ୍ରାପଡାର ବଳଦେବଜୀଉ, ଭଦ୍ରକର ଆଖଣ୍ଡଳମଣି, ଯାଜପୁରର ବିରଜା, ଜଗତସିଂପୁରର ମାଶାରଳା, ଗଞ୍ଜାମର ତାରାତାରିଣୀ, କେନ୍ଦୁଝରର ମାତାରିଣୀ ଆଦି ଧାର୍ମିକ ପୀଠର ବିକାଶ କରିବା ଫଳରେ ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଦେବଭୂମୀ ଓଡିଶାରେ ଥିବା ମନ୍ଦିରଗୁଡିକ ନୂଆ ରୂପ ପାଇବା ଗୌରବର ବିଷୟ। ଓଡିଶାରେ ରହିଛି ୪୮୨ କିଲୋମିଟର ବ୍ୟାପୀ ସୁଦୀର୍ଘ ବେଳାଭୂମୀ। ରାଜ୍ୟର ଦୀର୍ଘ ଉପକୂଳ ଅଞ୍ଚଳ ବେଳାଭୂମୀ ପର୍ଯ୍ୟଟନର ବିକାଶ ପାଇଁ ବିପୁଳ ସମ୍ଭାବନା ରହିଛି। ଓଡିଶା ଭ୍ରମଣରେ ଆସୁଥିବା ଦେଶ ଓ ବିଦେଶର ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଲାଗି ପର୍ଯ୍ୟଟନ ବିଭାଗ ପକ୍ଷରୁ ଗୋଆ ଶୈଳୀରେ ପୁରୀ-କୋଣାର୍କ ବେଳାମାର୍ଗ, ଗଞ୍ଜାମର ଗୋପଳପୁର ଓ ପତିସୋନାପୁର ବେଳାଭୂମି, ବାଲେଶ୍ୱରର ତାଳସାରି-ଉଦୟପୁର ଏବଂ ଚାନ୍ଦିପୁର, ଜଗତସିଂପୁରର ପାରାଦ୍ୱୀପ ବେଳାଭୂମିକୁ ବିକଶିତ କରାଯାଉଛି। ଗୋଆ ଓ କୋଲକତା ଭଳି ଏଠାରେ ନଦୀଭିତ୍ତିକ ପର୍ଯ୍ୟଟନକୁ ଗୁରୁତ୍ୱ ଦିଆଯାଉଛି। ହାଉସ ବୋଟ, କ୍ରୁଜ, ହୋଟେଲ ଅନ ହୁଇଲ ଭଳି ସୁବିଧା ନିଜ ରାଜ୍ୟରେ ପାଇପାରୁଛନ୍ତି। ପଞ୍ଜାବ ଓ ରାଜସ୍ଥାନ ଭଳି ଓଡିଶାରେ ମଧ୍ୟ ରାଜପ୍ରାସାଦ ପର୍ଯ୍ୟଟନର ବିକାଶ କରାଯାଇଛି। ଓଡିଶାର ୯ଟି ସୁରମ୍ୟ ରାଜବାଟୀ କୁ ସେଥିରେ ସାମିଲ କରାଯାଇଛି। ଓଡିଆ ଖାଦ୍ୟର ପ୍ରଚାର ଓ ପ୍ରସାର ପାଇଁ ପର୍ଯ୍ୟଟନ ବିଭାଗ ନିମନ୍ତ୍ରଣ ନାମରେ ଏକାଧିକ ରେଷ୍ଟୋରାଁ ଖୋଲିଛନ୍ତି। ବିଭିନ୍ନ ଅଞ୍ଚଳର ସ୍ୱାଦିଷ୍ଟ ଖାଦ୍ୟ ଏଠାରେ ପରିବେଷଣ କରାଯାଉଛି। ପର୍ଯ୍ୟଟନର ପ୍ରସାର ପାଇଁ ଦେଶ ଓ ବିଦେଶରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଖାଦ୍ୟମେଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ରୋଡ ସୋ କରାଯାଉଛି। ପ୍ରସାଦ,ଶାମୁକା ପ୍ରକଳ୍ପ ମାଧ୍ୟମରେ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି କରାଯାଉଛି।



ଭୁଷଳ, ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

'ଆଇନଜୀବୀମାନେ କୋର୍ଟର ଅଙ୍ଗ'

ଭୁବନେଶ୍ୱର : ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମରେ ଅନୁଷ୍ଠିତ ଅଲ ଓଡ଼ିଶା ଲୟର୍ସ ଆସୋସିଏସନର ୫୧ତମ ବାର୍ଷିକ ସମ୍ମିଳନୀରେ ଭାରତର ପୂର୍ବତନ ପ୍ରଧାନ ବିଚାରପତି ଦୀପକ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଜଷ୍ଟିସ୍ ମିଶ୍ର କହିଥିଲେ ଯେ, ଗୋଟିଏ ଗଣତନ୍ତ୍ରର ସାମ୍ବିଧାନିକ ଲକ୍ଷ୍ୟ ହାସଲ କରିବାକୁ ହେଲେ ଆଇନଜୀବୀ ଓ ବିଚାରପତିଙ୍କ ମଧ୍ୟରେ ସହଯୋଗର ଆବଶ୍ୟକତା ରହିଛି। ଜଷ୍ଟିସ୍ ମିଶ୍ର ପୁଣି କହିଥିଲେ ଯେ ଆଇନଜୀବୀମାନେ ସବୁବେଳେ ବ୍ୟକ୍ତିର ସ୍ୱାଧୀନତା ଓ ସମ୍ମାନର ସୁରକ୍ଷାକର୍ତ୍ତା। ଏଥିରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ନିଜର ମହକିଲ ପାଇଁ ନିର୍ଭୀକ ଭାବରେ ପ୍ରଶ୍ନ କରିବା, ପ୍ରସଙ୍ଗକୁ ଉଠାଇବା ଏବଂ ତର୍କକୁ ଉପସ୍ଥାପନ କରିବା ସେମାନଙ୍କର ବୃତ୍ତିଗତ ଦାୟିତ୍ୱ।

ଅନ୍ୟପଟେ ଆଇନଜୀବୀମାନେ ମଧ୍ୟ କୋର୍ଟର ଅଙ୍ଗ। ତେଣୁ କୋର୍ଟ ପ୍ରତି ସେମାନଙ୍କର ଉତ୍ତରଦାୟିତ୍ୱ ରହିଛି। ସେମାନେ ଏଭଳି ଆଦର୍ଶ ଆଚରଣ କରିବା ଦରକାର ଯେଭଳି ସେମାନଙ୍କ ବୃତ୍ତିର ସମ୍ମାନ ବଜାୟ ରହିବା ସହ ବିଚାର ବିଭାଗ ଉପରେ ଲୋକଙ୍କର ଆସ୍ଥା ବଜାୟ ରହିବ। ସେ ଆହୁରି କହିଥିଲେ ଯେ ବର୍ତ୍ତମାନ

ବାର୍ ଆସୋସିଏସନ୍‌ମାନେ ଜ୍ଞାନର କେନ୍ଦ୍ର ଭାବେ ରୂପାନ୍ତରିତ ହୋଇଛନ୍ତି। ତେବେ ଆଇନଜୀବୀ କେବଳ ଆଇନ୍ ଉପରେ ଜ୍ଞାନ ହାସଲ କଲେ ହେବନାହିଁ। ସମୟ ବଦଳିବା ସଙ୍ଗେ ସଙ୍ଗେ ଆଇନ୍ଜୀବୀ ଇତିହାସ, ଅର୍ଥନୀତି, ସମାଜତତ୍ତ୍ୱ ସବୁ କ୍ଷେତ୍ରରେ ଜ୍ଞାନ ଆହରଣ ଅପରିହାର୍ଯ୍ୟ ହୋଇପଡ଼ିଛି। ଏମିତିକି କମ୍ପ୍ୟୁଟର ଏବଂ ବୈଷୟିକ ଜ୍ଞାନର ଆବଶ୍ୟକତା ରହିଛି। ତେଣୁ ଆଇନଜୀବୀମାନଙ୍କର ଜ୍ଞାନ ଆହରଣ ଓ ପ୍ରଶିକ୍ଷଣ ପାଇଁ ରାଜ୍ୟ ସରକାର ଲୟର୍ସ ଏକାଡେମି ପ୍ରତିଷ୍ଠା କରନ୍ତୁ। ସେଠାରେ ସେମାନେ ବୃତ୍ତିଗତ ଦକ୍ଷତା ବୃଦ୍ଧି ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ସେହିପରି ଆଇନଜୀବୀଙ୍କ କଲ୍ୟାଣ ପାଣ୍ଠି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଉଲ୍ଲେଖନୀୟ ଅବଦାନ ଆବଶ୍ୟକ। ଏହି ଦୁଇଟି ପ୍ରସଙ୍ଗ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ବ୍ୟକ୍ତିଗତ ଭାବେ ଚିଠି ଲେଖିବେ ବୋଲି କହିଥିଲେ। ଶ୍ରୀ ମିଶ୍ର କହିଲେ ଯେ ଓଡ଼ିଶାର ପ୍ରତ୍ୟେକ ନିମନ୍ତ୍ରଣକୁ ମୁଁ ସମ୍ମାନ କରେ। କାରଣ ମୁଁ ଏହି ଓଡ଼ିଶା ମାଟି, ପାଣି ଓ ପବନରେ ବଢ଼ିଛି। ଏଠୁ ହିଁ ମୁଁ ଅନେକ ଶିଖିଛି। ମଣିଷ ଯେତେ ଉଚ୍ଚ ପଦାଧିକାରୀ ହେଉ କି ଉଚ୍ଚ ଆସନରେ ବସୁ ନିଜର ମାଟି, ପାଣି ଓ ପବନକୁ ଭୁଲିବା କଥା ନୁହେଁ। ଆଇନ୍ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ ବିନା ଗୁରୁରେ ଭଲ ଓକିଲ ହୋଇପାରିବ ନାହିଁ। ଭଲ ଓକିଲ ହେବାକୁ ହେଲେ ଗୁରୁ ବାଛିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମିଳନୀରେ ଆଇନ୍ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ଲୋକଙ୍କୁ ନ୍ୟାୟ ଦେବା ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଜିତ୍ କୁମାର କହିଥିଲେ ଯେ ଗ୍ରାମାଞ୍ଚଳର ଲୋକଙ୍କ ଭିତରେ ଆଇନ୍ ଉପରେ ସଚେତନତାର ଆବଶ୍ୟକତା ରହିଛି। ପ୍ରତ୍ୟେକ ଆଇନଜୀବୀ ନିଜ ନିଜ ଅଞ୍ଚଳର ଲୋକଙ୍କୁ ଆଇନ ଉପରେ ଜ୍ଞାନଦେବା ଆବଶ୍ୟକ। ଅନ୍ତତଃପକ୍ଷେ ମାସକୁ ଥରେ ହେଉ ପଛେ ନିଜ ଅଞ୍ଚଳକୁ ଯାଇ ଲୋକଙ୍କୁ ସଚେତନ କରନ୍ତୁ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସାଂସଦ ଚନ୍ଦ୍ରଶେଖର ସାହୁ ଏବଂ ବିଧାୟକ ବିକ୍ରମ ପଣ୍ଡା ଯୋଗଦେଇ ମତ ରଖିଥିଲେ। ସେହିପରି ବାର୍ ଆସୋସିଏସନ୍ ସଭାପତି ରବି ସାମନ୍ତରାୟ, ବରିଷ୍ଠ ଆଇନଜୀବୀ ଡ. ସୁଧାଂଶୁ ପ୍ରସାଦ ପତି ଓ ଶିବାନନ୍ଦ ରାୟ ମଧ୍ୟ ନିଜର ମତ ରଖିଥିଲେ। ଅନୁଷ୍ଠାନର ସଭାପତି ଜ୍ଞାନରଞ୍ଜନ ମହାନ୍ତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ସଞ୍ଜିତ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଉପଦେଷ୍ଟା ସୁବାସ ମିଶ୍ର ଏବଂ ଅନ୍ୟମାନେ ସହଯୋଗ କରିଥିଲେ। ଏହି ଅବସରରେ ଜଷ୍ଟିସ୍ ଶ୍ରୀ ମିଶ୍ର, ତାଙ୍କ ଧର୍ମପତ୍ନୀ, ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଭୁବନେଶ୍ୱର ବାର୍ ଆସୋସିଏସନ ସଭାପତି ଅଶୋକ କୁମାର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଫେବୃଆରୀ ୧୫ରୁ ସିବିଏସ୍‌ଇ ୧୦ମ ଓ ଦ୍ୱାଦଶ ପରୀକ୍ଷା

ନୂଆଦିଲ୍ଲୀ : ସେଣ୍ଟ୍ରାଲ ବୋର୍ଡ ଅଫ ସେକେଣ୍ଡାରୀ ଏଡୁକେସନ ପକ୍ଷରୁ ସିବିଏସ୍‌ଇ ବୋର୍ଡ ପରୀକ୍ଷାର ସୂଚୀ ଜାରି କରାଯାଇଛି। ସିବିଏସ୍‌ଇ ୧୦ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷା କେବେ ହେବ ବୋର୍ଡ ପକ୍ଷରୁ ସେନେଇ ତାରିଖ ଘୋଷଣା ହୋଇଛି। ପିଲାମାନେ ସିବିଏସ୍‌ଇ.ଜିଓଭି.ଇନ୍‌କୁ ଯାଇ ପରୀକ୍ଷା ତାରିଖ ଓ ସମୟ ବିଷୟରେ ଜାଣି ପାରିବେ। ବୋର୍ଡର ଘୋଷଣା ଅନୁଯାୟୀ, ଆସନ୍ତା ଫେବୃଆରୀ ୧୫ରୁ ୧୦ମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଆରମ୍ଭ ହେବ। ୧୦ମ ପରୀକ୍ଷା ୧୫ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୧ ଯାଏ ଚାଲିବ। ସେହିପରି ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫେବୃଆରୀ ୧୫ରୁ ଆରମ୍ଭ ହେବ ଓ ଏପ୍ରିଲ ୫ରେ ସରିବ। ଉଭୟ ଶ୍ରେଣୀର ପରୀକ୍ଷା ସକାଳ ୧୦.୩୦ରେ ଆରମ୍ଭ ହେବ ଓ କିଛି ପରୀକ୍ଷା ୧୨.୩୦ରେ ସରିବାକୁ ଥିବା ବେଳେ ଆଉ କିଛି ବିଷୟର ସମୟ ୧.୩୦ରେ ଶେଷ ହେବ। ପରୀକ୍ଷା ପ୍ରଶ୍ନପତ୍ର ପଢ଼ିବା ପାଇଁ ଉଭୟ କ୍ଲାସର ପିଲାଙ୍କୁ ୧୫ ମିନିଟ୍ ସମୟ ଦିଆଯିବ। ଏହାପରେ ସେମାନେ ଉତ୍ତର ଲେଖିବା ଆରମ୍ଭ କରିବେ। ସେହିପରି ପ୍ରାତିକାଳ ପରୀକ୍ଷା ଜାନୁଆରୀ ୨ରୁ ଆରମ୍ଭ ହୋଇ ଫେବୃଆରୀ ୧୪ରେ ସରିବ। ଏହାର ପରଦିନ ଅର୍ଥାତ୍ ୧୫ ତାରିଖରୁ ଥିଓରୀ ପରୀକ୍ଷା ଆରମ୍ଭ ହେବ।

ନୂତନ ବର୍ଷ-୨୦୨୩ ଅବସରରେ କଳାହାଣ୍ଡିବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ନୂଆବର୍ଷ ଆପଣମାନଙ୍କର ଭଲରେ କଟୁ, ଏହାହିଁ ମା' ମାଣିକେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା।

ଅନିଲ କୁମାର ପଟ୍ଟନାୟକ
ଆଡଭୋକେଟ
ଜିଲ୍ଲା ପ୍ରତିନିଧି, ଏକମାତ୍ର
ଭବାନୀପାଟଣା, କଳାହାଣ୍ଡି

ନୂତନ ବର୍ଷ-୨୦୨୩ ଅବସରରେ ବଲାଙ୍ଗିର ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

ବିମଳ କୁମାର ଯୋଶୀ
ସାମ୍ବାଦିକ, ଜିଲ୍ଲା ପ୍ରତିନିଧି, ଏକମାତ୍ର
ବଲାଙ୍ଗିର

ନୂତନ ବର୍ଷ-୨୦୨୩ ଅବସରରେ ଉଦଳାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ନୂଆବର୍ଷ ଆପଣମାନଙ୍କର ଭଲରେ କଟୁ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ନିରୁପମା ରଣା
ସାମ୍ବାଦିକା ଓ ସମାଜସେବୀ
ଉଦଳା ପ୍ରତିନିଧି, ଏକମାତ୍ର
ଉଦଳା, ମୟୂରଭଞ୍ଜ

ଜଗତସିଂହପୁର ଜିଲ୍ଲାରେ ୨୦୨୪ ନିର୍ବାଚନ ବେଳକୁ ବିଜେଡିର ମଙ୍ଗ ଧରିବ କିଏ !

ଜଗତ୍‌ସିଂହପୁର : ଗତ ପଞ୍ଚାୟତ ନିର୍ବାଚନରେ ଜିଲ୍ଲାର ୪ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ତାର ଫଳାଫଳକୁ ଖୁବ୍ ଭଲ ପ୍ରଦର୍ଶନ କରିଥିବା ବେଳେ ଆଗାମୀ ୨୦୨୪ ବିଧାନସଭା ନିର୍ବାଚନ ବେଳକୁ ବିଜେଡି ମଧ୍ୟରେ ଥିବା ଗୋଷ୍ଠୀ କନ୍ଦଳ ଯୋଗୁଁ ଏହାର ଫଳାଫଳ ସିଧାସଳଖ ଦଳ ଉପରେ ପଡିବାର ସମ୍ଭାବନା ଆଜି ଠାରୁ ସୃଷ୍ଟି ହେଲାଣି। ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜାଣିବାକୁ ମିଳୁଛି ଯେ କଂଗ୍ରେସ ଦଳର ମୁଖିଆ ତଥା ଜଗତସିଂହପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ କଂଗ୍ରେସ ମଙ୍ଗ ଛାଡି ବିଜେଡିର ମିଶିବାର ଏକ ଯୋଜନା ପ୍ରସ୍ତୁତ କରିସାରିଲେଣି। ଯେଉଁଥି ପାଇଁ ଜିଲ୍ଲା ବିଜେଡି ନେତାମାନଙ୍କର ଭାଳେଣି ପଡିଗଲାଣି। ଜିଲ୍ଲା ମୁଖ୍ୟ ଜଗତସିଂହପୁର ଆସନଟି ନବାଗତ କଂଗ୍ରେସ ନେତାଙ୍କ ଆଡକୁ ଯିବ ନା ଦଳ ସୁପ୍ରିମୋ ଟାଣୁଆ ଯୁବନେତା ଅମରେନ୍ଦ୍ର ଦାସଙ୍କୁ ବୁଝାଇ ଦଳରେ ଥିବା ଅସନ୍ତୋଷକୁ ଚପାଇ ଦେବାରେ ସିନା ସକ୍ଷମ ହୋଇଥିଲେ ଆଗାମୀ ନିର୍ବାଚନ ବେଳକୁ ଜିଲ୍ଲା ବିଧାୟକ ମାନଙ୍କ ମଧ୍ୟରେ ଥିବା ଗୋଷ୍ଠୀ କନ୍ଦଳ ଉଗ୍ରରୂପ ଧାରଣ କରିପାରେ। ଦଳ ସୁପ୍ରିମୋ ଯଦି ଆଗାମୀ ନିର୍ବାଚନ ବେଳକୁ ଜଗତସିଂହପୁର ଆସନଟି ଯୁବନେତା ଅମରେନ୍ଦ୍ରଙ୍କୁ ପ୍ରଦାନ ନ କରନ୍ତି ତେବେ ଜିଲ୍ଲାରେ ବିଜେଡିର ସାଂଘାତିକ ପରିସ୍ଥିତି ଯେ ସୃଷ୍ଟି ନହେବ ସେ କଥା କେହି ବି କହିପାରୁନାହାଁନ୍ତି। ଚା ପାନ ଦୋକାନ ମାନଙ୍କରେ ବସୁଥିବା ବହୁ ରାଜନୈତିକ ସମୀକ୍ଷକ ମାନେ କହୁଛନ୍ତି ଯେ କଂଗ୍ରେସ ନେତା ଯଦି ମିଶିବେ ତେବେ ତାଙ୍କୁ ପାରାଦ୍ୱୀପ ଆଡକୁ ସ୍ଥାନାନ୍ତରିତ କରି

ଅମରେନ୍ଦ୍ରଙ୍କୁ ଜଗତସିଂହପୁର ଆସନଟି ପ୍ରଦାନ କରିବେ। କାରଣ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀଟିରେ ତିର୍ତୋଲ ବ୍ଲକ ଅଂଚଳର ବହୁ ଗ୍ରାମପଞ୍ଚାୟତ ସେଥିରେ ଯାଉଛି ଓ ତାହା କଂଗ୍ରେସ ନେତା ଶ୍ରୀ ବିଶ୍ୱାଳଙ୍କ ନିଜ ବ୍ଲକ ଅଂଚଳ ହୋଇଥିବାରୁ ଜନସମର୍ଥନ ବହୁ ପରିମାଣରେ ବଢି ପାରିବ। ଦଳ ସୁପ୍ରିମୋ ଅମରେନ୍ଦ୍ରଙ୍କ ଭୋଟ ହାରକୁ ଜଗତସିଂହପୁରରେ ଦେଖି ଓ ତାଙ୍କ ଦଳରେ କାଜୁ ନିଗମ ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରିଥିଲେ। ବର୍ତ୍ତମାନ ଅମରେନ୍ଦ୍ର ଜିଲ୍ଲାରେ ରହି ବିଭିନ୍ନ ସଭାସମିତି କରି ଦଳ ସଙ୍ଗଠନକୁ ମଜବୁତ କରୁଥିବା ବେଳେ ତାଙ୍କର ଏହି ଉଦ୍ୟମ ଆଗାମୀ ୨୦୨୪ ନିର୍ବାଚନ ବେଳକୁ ନେତା ଓ କର୍ମୀମାନଙ୍କୁ ଏହା ଖୋରାକ୍ ଯୋଗାଉଛି। ବାହାଘର ହେଉ କି ବ୍ରତଘର ସବୁଥିରେ ଅମରେନ୍ଦ୍ର ତାଙ୍କ ଚେଲା ଚାମୁଣ୍ଡାଙ୍କୁ ଧରି ବାଇକ୍ ଯାତ୍ରା କରି ବିଜେଡି ଦଳ ନେତାମାନଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟି ଗଲାଣି। ଆଗାମୀ ନିର୍ବାଚନକୁ ଦେଖି ନୂଆବର୍ଷ ହୋଡିଙ୍ଗ ବିଭିନ୍ନ ସ୍ଥାନରେ ମାରିବା, ତାଙ୍କ ସମର୍ଥକ ମାନଙ୍କ ପାଇଁ ଏକପ୍ରକାର ନିର୍ବାଚନ ମାହୋଲ ସୃଷ୍ଟି କରିଦେଲାଣି। ସେହିପରି ତିର୍ତୋଲ ବିଧାୟକ ତାଙ୍କ ସମୟ କାଳ ମଧ୍ୟରେ ଯେଉଁ ସବୁ କୁକାର୍ଯ୍ୟ କରି ବିତର୍କର ବଳୟ ପାଲଟି ଯାଇଛନ୍ତି ସେ ନେଇ ତାଙ୍କ ପରିବର୍ତ୍ତେ ଜଗତସିଂହପୁର ସାଂସଦ ଡା.ରାଜଶ୍ରୀ ମଲ୍ଲିକଙ୍କୁ ତିର୍ତୋଲରେ ବିଧାୟକ ପ୍ରାର୍ଥୀଭାବେ ମନୋନୀତ କରିବାର ସମ୍ଭାବନା ସୃଷ୍ଟି ହେଲାଣି। ଡା. ମଲ୍ଲିକ ତାଙ୍କ ଅସନ୍ତୁଷ୍ଟ କର୍ମୀମାନଙ୍କ ପାଖକୁ ଯାଇ ସୁଖ ଦୁଃଖ ହେବା ସହିତ ସେମାନଙ୍କୁ ହାତେଇ ନେବାର ପ୍ରଚେଷ୍ଟା ଆରମ୍ଭ କଲେଣି। ତିର୍ତୋଲରେ ଥରେ ବିଧାୟକ ଓ ଜଗତସିଂହପୁର ସାଂସଦ ଭାବେ ବହୁ ଅଧିକ ଭୋଟ ବ୍ୟବଧାନରେ ଜିତିଥିବାରୁ ତାଙ୍କର ଦବଦବା ଏବେବି ବଜାଇ ରହିଛି। ଏରସମା-ବାଲିକୁଦା ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ କାହାକୁ କରାଯିବ ତାହା ନେଇ ଚର୍ଚ୍ଚା ବି ଜୋର ଧରିଲାଣି। ବିଜେପି ଦଳରୁ ଆସି ହଠାତ୍ ମନ୍ତ୍ରୀ ହୋଇଥିବା ନେତା ନା ଆଗରୁ ସେଠାରେ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବର୍ତ୍ତମାନର ଶାସକ ଦଳ ମୁଖ୍ୟସଚେତକଙ୍କୁ ସେଠାରେ ପ୍ରାର୍ଥୀ କରାଯିବ ଏନେଇ ବହୁ ବିତର୍କବି ଆରମ୍ଭ ହେଲାଣି। ଏସମସ୍ତ ଘଟଣାକୁ ଅନୁଧ୍ୟାନ କଲେ ଯାହା ଜଣାପଡୁଛି ଯେ ଆସନ୍ତା ବିଧାନସଭା ନିର୍ବାଚନ ବେଳକୁ ବିଜେଡି ମଧ୍ୟରେ ଥିବା ଅର୍ନ୍ତଦ୍ୱନ୍ଦର ଫାଇଦା କିଏ ନେବାକୁ ଚେଷ୍ଟା କରୁଛି ନା କଂଗ୍ରେସ ଦଖ ତାହାର ଆସନ ବଜାଇ ରଖୁଛି ସେ ନେଇ ଅଙ୍କକଷା ଆରମ୍ଭ ହେଉଥିବା ବେଳେ ବିଜେପିର ଭାବମୂର୍ତ୍ତିକୁ ନେଇ ବି ପ୍ରଶ୍ନ ଉଠୁଛି।

'ସାଧାରଣତନ୍ତ୍ର ଦିବସ ପୂର୍ବରୁ ଓଡିଶାରେ ମିଳିବ ୫ଜି ସେବା'

ଭୁବନେଶ୍ୱର : ଆସନ୍ତା ମାସେ ଭିତରେ ଓଡିଶାରେ ମିଳିବ ୫ଜି ସେବା। ଆସନ୍ତାବର୍ଷ ଜାନୁଆରୀ ୨୬ ପୂର୍ବରୁ ଓଡିଶାରେ ୫ଜି ସେବା ଆରମ୍ଭ ହେବ ବୋଲି କେନ୍ଦ୍ର ରେଳ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଘୋଷଣା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାରେ ୫ଏ କାମ ଶେଷ ହେବ। ଭୁବନେଶ୍ୱର ରେଲୱେ ଷ୍ଟେସନର ନବକଳେବର ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ ଅବସରରେ ଏହା କହିଛନ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ରେଳ ଯାତ୍ରୀଙ୍କୁ ବିଶ୍ୱସ୍ତରୀୟ ସେବା ଯୋଗାଇବା ଲକ୍ଷ୍ୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ୩୦୮ କୋଟିର ବ୍ୟୟବରାଦ କରାଯାଇଛି। ଯାହାକି ୨୪ ମାସ ମଧ୍ୟରେ ସରିବ।

ଶୁଣ୍ଡି ସମାଜର ବାର୍ଷିକ ସମ୍ମିଳନୀ

ବରଗଡ଼ : ବରଗଡ଼ ଜିଲ୍ଲା ଶୁଣ୍ଡି ସମାଜ ବାର୍ଷିକ ସମ୍ମିଳନୀ ଓ ବିବାହ ଯୋଗ୍ୟ ପୁଅ ଝିଅଙ୍କ ମେଳନ କାର୍ଯ୍ୟକ୍ରମ ନାଗେନପାଳି ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ଉଦ୍ଧବ ଚରଣ ବେହେରାଙ୍କ ସଭାପତିତ୍ୱରେ ପାଳିତ ହୋଇଥିଲା। ଉପଦେଷ୍ଟା ଡ଼. ପାଣ୍ଡବ ବେହେରା ଉକ୍ତ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶରତ କୁମାର ବେହେରା ବିଗତ ବର୍ଷର କାର୍ଯ୍ୟକ୍ରମ ଗୁଡ଼ିକର ବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏହି ସଭାରେ ସୁନ୍ଦରଗଡ, ସୋନପୁର, କୁଚିଣ୍ଡା, ଛତିଶଗଡ଼, ବରମକେଲା ଓ ରାୟଗଡାର ସଭାପତି ଓ ସମ୍ପାଦକ ମାନେ ଯୋଗ ଦେଇ ତାଙ୍କର ସୁଚିନ୍ତିତ କାର୍ଯ୍ୟକଳାପ ବାବଦରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସମାବେଶରେ ୨୫ଜଣ ବିବାହ ଯୋଗ୍ୟ ପୁଅ ଝିଅଙ୍କର ଉପସ୍ଥିତ ହୋଇଥିବା ବେଳେ ପ୍ରାୟ ୩୦ଜଣଙ୍କର ସର୍ବଶେଷ ବିବରଣୀ ଓ୍ୱାଡ଼ସେପ ମାଧ୍ୟମରେ ପହଞ୍ଚିଥିଲା। ସଭାରେ ପ୍ରଶାନ୍ତ କୁମାର ବେହେରା, ନିରଞ୍ଜନ, ଅଶୋକ ପରିଡା, ଅଶୋକ ବେହେରା, ନୀଳ ମାଧବ ସାହୁ, ସୁରଳି ବେହେରା,

ବାହାଦୂର ବେହେରା, ରାଜ୍ କିଶୋର ଚୌଧୁରୀ, ଗଙ୍ଗା ବେହେରା, ସତ୍ୟ ପ୍ରିୟା ବେହେରା, ଜ୍ୟୋତ୍ସ୍ନା ବେହେରା, ଯୋଗ ଦେଇଥିଲେ। ଶେଷ ରେ ନୂଆଁଖାଇ ଭେଟଘାଟ ଉତ୍ସବରେ ବିଭିନ୍ନ କୃତି ପ୍ରତିଯୋଗି ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ଅନୁପମା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

MUNICIPAL COUNCIL BALANGIR ODISHA ESTD-1950

ବଲାଙ୍ଗିର ପୌରସଂସ୍ଥା, ବଲାଙ୍ଗିର

ବଲାଙ୍ଗିର ତଥା ଓଡ଼ିଶାର ସମସ୍ତ ଜନସାଧାରଣଙ୍କୁ ବଲାଙ୍ଗିର ପୌରପରିଷଦ ୨୦୨୩ ନୂତନ ବର୍ଷ ଉପଲକ୍ଷେ ଅଭିନନ୍ଦନ ଜଣାଉଅଛୁ। ଏହି ନୂତନ ବର୍ଷରେ ସମସ୍ତେ ସୁଖ, ସମୃଦ୍ଧି, ଶାନ୍ତି-ମୈତ୍ରୀରେ ସହବସ୍ଥାନ କରନ୍ତୁ। ବିଶେଷକରି ସମସ୍ତେ ନିଜ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ରୁହନ୍ତୁ। ଏ ମାଟିର ଅଧିଷ୍ଠାତ୍ରୀ ଇଷ୍ଟଦେବୀ ମାଁ ସମଲେଶ୍ୱରୀ ଏବଂ ମାଁ ପାଟଣେଶ୍ୱରୀ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହାହିଁ ଆମର ପ୍ରାର୍ଥନା।

ଶ୍ରୀମତୀ ସାମି ରେଡ୍ଡୀ ଜୟଶ୍ରୀ
ନିର୍ବାହୀ ଅଧିକାରୀ
ପୌରସଂସ୍ଥା, ବଲାଙ୍ଗିର

ଶ୍ରୀମତୀ ଲିକା ସାହୁ
ପୌରାଧ୍ୟକ୍ଷା
ପୌରସଂସ୍ଥା, ବଲାଙ୍ଗିର

ଗାୟତ୍ରୀ ଭୋଇ
ଉପ-ପୌରାଧ୍ୟକ୍ଷା
ପୌରସଂସ୍ଥା, ବଲାଙ୍ଗିର

ସମ୍ମିତା ନନ୍ଦ ୱାର୍ଡ ନଂ-୧
ସରିତା ବାଗ ୱାର୍ଡ ନଂ-୨
ରଜନୀ ବନଛୋର ୱାର୍ଡ ନଂ-୩
ଅରବିନ୍ଦ ପରୁଆ ୱାର୍ଡ ନଂ-୫
ଲଲାଟେନ୍ଦୁ ପଟ୍ଟନାୟକ ୱାର୍ଡ ନଂ-୫
ପିଙ୍କି କବାଟ ୱାର୍ଡ ନଂ